RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -144 ସଂଖ୍ୟା-୧୪୪
ଭୁବନେଶ୍ୱର, ମଙ୍ଗଳବାର ୧୮ ଅଗଷ୍ଟ ୨୦୨୬
Bhubaneswar, Tuesday 18 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

## ବାରିପଦାରେ ଦବିଲା ରେଳଧାରଣା, ବରୀର ୨୯ ପଞ୍ଚାୟତ ଜଳବନ୍ଦି, ୮୪ ଗ୍ରାମର ୧,୨୦,୭୨୦ ଜଣ ବିପନ୍ନ

ଭୁବନେଶ୍ୱର/ଯାଜପୁର, ୧୭।୮(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବୋଟରେ ଯାଜପୁର ଓ ଭଦ୍ରକର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷା ଓ ତ୍ୱରିତ ସହାୟତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେହିପରି ବନ୍ୟାଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ।

ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ସ୍ଥିତିର ନିରନ୍ତର ଅନୁଧ୍ୟାନ ସହ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ନିଆଯାଉଛି । ପ୍ରଭାବିତଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ଲୋକଙ୍କ ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୋସିଆଲ ଆକାଉଣ୍ଟ ଏକ୍ସରେ ଉଲ୍ଲେଖ କରିଛନ୍ତି।ବନ୍ୟା ପ୍ରଭାବିତଙ୍କ ପାଇଁ ସରକାରଙ୍କ ତ୍ୱରିତ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨, ୭୭,୬୫୫ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ୫୩୧ଟି ରିଲିଫ କ୍ୟାମ୍ପ କାର୍ଯ୍ୟରତ ରହିଛି। ୯୯ଟି ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲା ଗସ୍ତରେ ଆସି ଦଶରଥପୁର ବ୍ଲକ୍‌ର କସପା ଓ ତରପଦା ପଞ୍ଚାୟତ ଅନ୍ତର୍ଗତ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ରାମଚନ୍ଦ୍ରପୁର, ବାଲଦା ଓ ଡୋଭାବିଲ୍ ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ୟା ଆଶ୍ରୟସ୍ଥଳୀ



ପରିଦର୍ଶନ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏଥିସହ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ତ୍ୱରିତ ଓ ପର୍ଯ୍ୟାପ୍ତ ରିଲିଫ୍ ସହାୟତା, ନିରାପଦ ପାନୀୟ ଜଳ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ସହ ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ଅଞ୍ଚଳ ବୁଲି ଦେଖିଛନ୍ତି। ଈଶାନପୁର, ଶ୍ୟାମସୁନ୍ଦରପୁର, ବାଲିଘାଇ, କଣପା ଆଦି ନିକଟସ୍ଥ ଗ୍ରାମର ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି ।ଏହି ଗସ୍ତ ଅବସରରେ ମାନ୍ୟବର ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୁରେଶ ପୂଜାରୀ, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରଦୀପ ବଳ ସାମନ୍ତ, ମାନ୍ୟବର ଲୋକସଭା ସାଂସଦ (ଯାଜପୁର) ଡଃ ରବିନ୍ଦ୍ର ନାରାୟଣ ବେହେରା, ଏବଂ ମାନ୍ୟବର ରାଜ୍ୟସଭା ସାଂସଦ ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।ଏହା ସହିତ ମାନ୍ୟବର ବିଧାୟିକା, ବିଞ୍ଝାରପୁର ଶ୍ରୀମତୀ ପ୍ରମିଳା ମଲ୍ଲିକ, ମାନ୍ୟବର ବିଧାୟକ, ବଡ଼ଚଣା ଅମର କୁମାର ନାୟକ, , ମାନ୍ୟବର ବିଧାୟକ, କୋରେଇ ଆକାଶ ଦାସନାୟକ, ମାନ୍ୟବର ବିଧାୟକ, ଧର୍ମଶାଳା, ହିମାଂଶୁ ଶେଖର ସାହୁ, ଏବଂ ମାନ୍ୟବର ବିଧାୟିକା, ଯାଜପୁର ଶ୍ରୀମତୀ ସୁଜାତା ସାହୁ ପ୍ରମୁଖ ସାମିଲ ଥିଲେ। ପ୍ରଶାସନିକ ସ୍ତରରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ,ଯାଜପୁର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅବକାରୀ କମିଶନର, ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି , ଜିଲ୍ଲାପାଳ , ଯାଜପୁର, ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ,ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଏବଂ ବିଭିନ୍ନ ବିଭାଗର ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ,ବିଡ଼ିଓ, ତହସିଲଦାର ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଏହି ଗସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଗାନ୍ଧୀ ମାର୍ଗରେ ଗର୍ଜିଲେ ହଜାର ହଜାର ଶିକ୍ଷକ

ଭୁବନେଶ୍ୱର, ୧୭।୮ (ନି.ପ୍ର): ଗୋଟିଏ ପଟେ ଆକାଶରେ ମେଘ ଗର୍ଜୁଥିବାବେଳେ ଏପଟେ ରାଜରାସ୍ତାରେ ଗର୍ଜିଛନ୍ତି ଶିକ୍ଷକ । ବର୍ଷାରେ ହାତରେ ଛତା ଧରି ହଜାର ହଜାର ସଂଖ୍ୟାରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୪ ଦଫା ଦାବି ନେଇ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଡାକରାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ବିଶାଳ ସମାବେଶ କରିଛନ୍ତି । ସେପଟେ ଅଲ୍ ଓଡ଼ିଶା ଆଶାୟୀ ଶିକ୍ଷକ ସଂଘ ମଧ୍ୟ ତିନି ଦଫା ଦାବି ନେଇ ଲୋୟର ପିଏମଜିରେ ଗଣଧାରଣା ଦେଇଛନ୍ତି । ଶିକ୍ଷକ ସଂଘର ପ୍ରମୁଖ ଦାବିଗୁଡ଼ିକ ହେଉଛି ହେଉଛି, ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ କରିବା, ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଟର୍ମିନାଲ ବେନିଫିଟ୍ ସହିତ ପେନସନ, ଗ୍ରେଡ୍ ପେରେ ଥିବା ଅସଙ୍ଗତିକୁ ଦୂରୀକରଣ, ଏବଂ ସମସ୍ତ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ କମିଟି ପ୍ରଦାନ କରିଥିବା ରିପୋର୍ଟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି ।

### ୩୦ ହଜାର ଲାଞ୍ଚ ନେଇ ଧରାପଡ଼ିଲେ କ୍ୟାପିଟାଲ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର, ୧୭।୮(ନି.ପ୍ର.);ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ଫସିଲେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଆସିଷ୍ଟାଣ୍ଟ ସର୍ଜନ। ସୋମବାର ଡାକ୍ତର ସତ୍ୟଜିତ ବେହେରାଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଟିମ୍ ଧରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, କ୍ୟାପିଟାଲ ହସ୍ପିଟାଲର କ୍ୟାଜୁଆଲିଟି ୱାର୍ଡକୁ ଆସୁଥିବା ଅଜଣା ଓ ଅସହାୟ ରୋଗୀଙ୍କ ସହାୟତା ପାଇଁ ଏକ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଥିଲା। ଏନ୍‌ଜିଓର କର୍ମଚାରୀମାନଙ୍କ ଜୁନ୍ ଓ ଜୁଲାଇ ମାସର ଦରମା ଉଠାଇବା ପାଇଁ ଆବଶ୍ୟକ କାର୍ଯ୍ୟ ପ୍ରମାଣପତ୍ରରେ ଡାକ୍ତର ବେହେରାଙ୍କ ଦସ୍ତଖତ ଆବଶ୍ୟକ ଥିଲା। ଏହି ପ୍ରମାଣପତ୍ରରେ ଦସ୍ତଖତ କରିବା ପାଇଁ ଏନ୍‌ଜିଓର ଜଣେ କର୍ମକର୍ତ୍ତା ଗତ ଜୁନ୍ ମାସରୁ ଡାକ୍ତର ବେହେରାଙ୍କୁ ଅନୁରୋଧ କରିଆସୁଥିଲେ। କିନ୍ତୁ ଅଭିଯୋଗ ଅନୁସାରେ, ଦସ୍ତଖତ କରିବା ବଦଳରେ ଡାକ୍ତର ଜଣକ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ।

## ଅଗ୍ନିକାଣ୍ଡରେ ଚାଲିଗଲା ୭ ଶ୍ରଦ୍ଧାଳୁଙ୍କ ଜୀବନ

କୋଲକାତା, ୧୭।୮: ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାରେ ଥିବା ତାରାପୀଠ ନିକଟସ୍ଥ ଗୋଟିଏ ହୋଟେଲରେ ବଡ ଅଘଟଣ। ଭୋର ସମୟରେ ହୋଟେଲରେ ଅଗ୍ନିକାଣ୍ଡ ଘଟି ଚାଲି ଯାଇଛି ୭ ଜୀବନ। ଏହି ଘଟଣାରେ ପୁଲିସ୍ ହୋଟେଲରେ ମାଲିକଙ୍କୁ ଗିରଫ କରିଥିବା ବେଳେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଉପରେ ଉଠିଛି ପ୍ରଶ୍ନ।



ସୋମବାର ଭୋର ପ୍ରାୟ ୫ଟା ବେଳେ ବିଦେଶିନୀ ନାମକ ହୋଟେଲରେ ଘଟିଥିଲା ଅଗ୍ନିକାଣ୍ଡ। ତାରାପୀଠ ବୁଲିବାକୁ ଆସିଥିବା ଅନେକ ଶ୍ରଦ୍ଧାଳୁ ଉକ୍ତ ହୋଟେଲରେ ବିଶ୍ରାମ ନେଇଥିବା ବେଳେ ଏତେ ବଡ ଅଘଟଣ ଘଟିଥିଲା।

ଅଗ୍ନିକାଣ୍ଡ ଯୋଗୁ ଅନେକ ଶ୍ରଦ୍ଧାଳୁ ହୋଟେଲ ମଧ୍ୟରେ ଫସି ଯାଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ୭ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା। ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ଅନ୍ୟ ୨୨ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ୨ ଜଣଙ୍କୁ ଛାଡି ବାକି ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସଚାର୍ଜ କରି ଦିଆଯାଇଛି। ଏବେ ରାମପୁରହାଟ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଥିବା ୨ ଜଣଙ୍କ ଚିକିତ୍ସା ଚାଲିଛି।

ବୀରଭୂମି ଏସ୍‌ପି ବିଦିତ ରାଜ ଭୁନ୍ଦେଶ ଅଗ୍ନିକାଣ୍ଡରେ ୭ ଜଣଙ୍କ ମୃତ୍ୟୁ ଖବରକୁ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ହୋଟେଲ ମାଲିକ କଲ୍ୟାଣ ପଲଙ୍କୁ ଗିରଫ କରାଯାଇଛି। ହୋଟେଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡିଛି।

ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅଗ୍ନିକାଣ୍ଡ ପରେ ଅତିଥିମାନେ ହୋଟେଲର ପଛପଟ ଦ୍ୱାର ବାଟେ ବାହାରକୁ ଆସିବାକୁ ଚେଷ୍ଟା କରିଥିଲେ। ହେଲେ ଏହା ବନ୍ଦ ଥିବାରୁ ସେମାନେ ବାହାରକୁ ବାହାରି ପାରି ନଥିଲେ। ପଛ ପଟ ଦ୍ୱାରା ବନ୍ଦ ଥିବା ବେଳେ ସେମାନେ ରିସେପ୍ସନ୍ ଅଞ୍ଚଳ ଆଡ଼କୁ ଦୌଡ଼ିଥିଲେ। କିନ୍ତୁ ସେଠାରେ କିଛି ଲୋକ ପୋଡି ଯାଇ ପ୍ରାଣ ହରାଇଥିଲେ।

ସ୍ଥାନୀୟ ଲୋକଙ୍କ କହିବା କଥା ଯେ ହୋଟେଲର ପ୍ରଥମ ଓ ଦ୍ୱିତୀୟ ମହଲାର କିଛି ଅଂଶରେ ହିଁ ଅଗ୍ନିକାଣ୍ଡ ଘଟିଥିଲା। ଏହାର ଧୂଆଁ ୫ମ ମହଲା ଯାଏ ପହଞ୍ଚି ଯାଇଥିଲା। ଅଗ୍ନିଶମ ବିଭାଗର ପ୍ରାଥମିକ ଆକଳନ ଅନୁସାରେ, ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥାଇ ପାରେ। ତଥାପି ଏହାର ପ୍ରକୃତ କାରଣ ଜାଣିବା ପାଇଁ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

## ଦିମାଗୀ ନକ୍ସଲ ପାର୍ଟିର ଇନଷ୍ଟାଗ୍ରାମ ଆକାଉଣ୍ଟ ଗାଏବ

ନୂଆଦିଲ୍ଲୀ, ୧୭।୮: ରାତାରାତି ସୋଶାଲ ମିଡିଆରେ ହଇଚଇ ସୃଷ୍ଟି କରିଥିବା ଦିମାଗୀ ନକ୍ସଲ ପାର୍ଟିର ଇନଷ୍ଟାଗ୍ରାମ ଆକାଉଣ୍ଟ ହଠାତ ଗାଏବ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସରେ ଦିମାଗୀ ନକ୍ସଲଙ୍କ ପ୍ରତି ସତର୍କ ରହିବାକୁ କହିଥିଲେ।

ଏହି ବୟାନ ପରେ ଇନଷ୍ଟାଗ୍ରାମରେ ଦିମାଗୀ ନକ୍ସଲ ପାର୍ଟି ନାଁରେ ଗୋଟିଏ ଆକାଉଣ୍ଟ ଖୋଲିଥିଲା। ଆକାଉଣ୍ଟ ଖୋଲିବାର ମାତ୍ର କିଛି ଘଣ୍ଟା ପରେ ଏହାର ଫଲୋୟର୍ସଙ୍କ ସଂଖ୍ୟା ୧.୬ ଲକ୍ଷରେ ପହଞ୍ଚି ଯାଇଥିଲା। କିନ୍ତୁ ଯେମିତି ଏହା ବିଜୁଳି ବେଗରେ ତିଆରି ହୋଇଥିଲା ସେମିତି ଗାଏବ ମଧ୍ୟ ହୋଇଯାଇଛି।

ଏହି ଆକାଉଣ୍ଟରୁ ୬୨ଟି ପୋଷ୍ଟ ହୋଇଥିଲା। ପ୍ରାୟ ୩୫ ଜଣଙ୍କୁ ଆକାଉଣ୍ଟରୁ ଫଲୋ ବା ଅନୁସରଣ କରାଯାଉଥିଲା। ଇନଷ୍ଟାଗ୍ରାମରେ ଥିବା ତଥ୍ୟ ଅନୁସାରେ, ଚଳିତ ମାସରେ ଏହି ଆକାଉଣ୍ଟ ଖୋଲିଥିଲା। ସେହିପରି ଏହାର ୟୁଜର ନେମ ଥରୁଟିଏ ପରିବର୍ତ୍ତନ କରାଯାଇଥିଲା। ତେବେ ଏହାକୁ କିଏ ପରିଚାଳନା କରୁଥିଲେ, ସେକଥା ଏଯାଏ ସ୍ପଷ୍ଟ ହୋଇନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣରେ ମାଓବାଦୀଙ୍କ ବିରୋଧରେ ସରକାରଙ୍କ ଲଢେଇର ସଫଳତା ସମ୍ପର୍କରେ କହିବା ବେଳେ ଦିମାଗୀ ନକ୍ସଲ ଶବ୍ଦ ବ୍ୟବହାର କରିଥିଲେ। ସେ କହିଥିଲେ ଯେ "ଜଙ୍ଗଲରୁ ସଶସ୍ତ୍ର ନକ୍ସଲମାନଙ୍କୁ ନିପାତ କରିବାରେ ଆମେ ସଫଳ ହୋଇଛୁ। ଦେଶକୁ ଏହି ସଙ୍କଟରୁ ମୁକ୍ତ କରିଛୁ। କିନ୍ତୁ ସଶସ୍ତ୍ର ନକ୍ସଲମାନେ ଚାଲିଯାଇଥିବା ବେଳେ ଦିମାଗୀ ନକ୍ସଲମାନେ ଏବେ ବି ଆମ ଚାରି ପାଖରେ ଲୁଚି ରହିଛନ୍ତି।"ବିରୋଧୀଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ଦିମାଗୀ ନକ୍ସଲ ଭଳି ଶବ୍ଦର ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରାଜନୀତିକ ବାକ୍‌ଯୁଦ୍ଧ ଚାଲିଥିବା ବେଳେ ସୋଶାଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଦିମାଗୀ ନକ୍ସଲ ପାର୍ଟି ନାଁରେ ଗୋଟିଏ ଆକାଉଣ୍ଟ ଖୋଲିଥିଲା। ଅନେକ ଲୋକ ଏହାକୁ କକ୍ରୋଚ ଜନତା ପାର୍ଟି ବା ସିଜେପି ଭଳି ଏକ ସଂଗଠନ ବୋଲି ବିବେଚନା କରିଥିଲେ। ହେଲେ ଏହି ଆକାଉଣ୍ଟ ଏବେ ଇନଷ୍ଟାଗ୍ରାମରୁ ଗାଏବ ହୋଇଯିବା ସମସ୍ତଙ୍କୁ ଚକିତ କରିଛି।

## ଶ୍ରାବଣ ମାସ ସୋମବାରରେ ଦଳାଚକଟା; ୭ ମୃତ, ୧୨ ଆହତ

ପାଟନା, ୧୭।୮: ବିହାରର ଲକ୍ଷୀସରାଇ ଜିଲ୍ଲାସ୍ଥିତ ଅଶୋକ ଧାମ ମନ୍ଦିରରେ ସୋମବାର ଦଳାଚକଟାରେ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏକ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଓ ସେଥିରୁ ଦଳାଚକଟା ହୋଇଥିଲା।



ଆଜି ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଶିବ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ବିପୁଳ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା ବେଳେ ସକାଳ ପ୍ରାୟ ୬.୪୫ ମିନିଟରେ ଏହି ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଲକ୍ଷୀସରାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ଲକ୍ଷୀସରାଇ ଜିଲ୍ଲାପାଳ ଶୈଳେନ୍ଦ୍ର କୁମାର କହିଛନ୍ତି ଯେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଭିଡ଼ ଆଶାଠାରୁ ଅଧିକ ଥିଲା। ପ୍ରବଳ ଭିଡ଼ ଯୋଗୁଁ ବାରିକେଡର ଏକ ଅଂଶ ଭାଙ୍ଗିଯାଇଥିଲା, ଯାହା ଫଳରେ ଲୋକମାନେ ଜଣଙ୍କ ଉପରେ ଜଣେ ଖସିପଡ଼ିଥିଲେ। ଅନ୍ୟପକ୍ଷରେ କିଛି ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି ଯେ ସେଠାରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ସୁରକ୍ଷା କର୍ମୀ ନଥିଲେ। ଭିତରକୁ ପ୍ରବେଶ କରିବା ପାଇଁ ଲୋକେ ପରସ୍ପରକୁ ଠେଲି ପକାଉଥିଲେ। ଅତୀତରେ ମଧ୍ୟ ଅଶୋକ ଧାମ ମନ୍ଦିର ପ୍ରାଙ୍ଗଣରେ ଦଳାଚକଟା ଘଟଣା ଘଟିଛି। ୨୦୧୯ ଅଗଷ୍ଟ ୧୨ ତାରିଖରେ ଅର୍ଥାତ୍ ପବିତ୍ର ଶ୍ରାବଣ ମାସରେ ଏକ ଦଳାଚକଡ଼ାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଆହତ ହୋଇଥିଲେ।

### ଶିଶୁ ଅଧିକାର ଓ ସୁରକ୍ଷା ନେଇ ସରକାରଙ୍କ ବଡ଼ ପଦକ୍ଷେପ

## ୨୭ ଜିଲ୍ଲାର ୫୮ ସିଡବ୍ଲୁସି ସଦସ୍ୟଙ୍କୁ ୫ ଦିନିଆ ପ୍ରଶିକ୍ଷଣ

ଭୁବନେଶ୍ୱର: ଶିଶୁଙ୍କ ଅଧିକାର ଓ ସୁରକ୍ଷାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ନୂଆ କରି ଦାୟିତ୍ୱ ନେଇଥିବା ଶିଶୁ କଲ୍ୟାଣ କମିଟି (ଉଡଉ) ସଦସ୍ୟଙ୍କ ପାଇଁ ଆରମ୍ଭ ହୋଇଛି ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଓମେନ୍ ଆଣ୍ଡ ଚିଲଡ୍ରେନ୍ (ଝଓଡଉ) କ୍ୟାମ୍ପସରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପ୍ରଶିକ୍ଷଣର ଦ୍ୱିତୀୟ ବ୍ୟାଚ୍‌କୁ ଉଦ୍‌ଘାଟନ କରିଛନ୍ତି।

ଏହି ବ୍ୟାଚ୍‌ରେ ରାଜ୍ୟର ୨୭ଟି ଜିଲ୍ଲାରୁ ମୋଟ ୫୮ ଜଣ ସିଡବ୍ଲୁସି ସଦସ୍ୟ ଅଂଶଗ୍ରହଣ କରିଛନ୍ତି। ପ୍ରଶିକ୍ଷଣରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ଓ ଅଧିକାରଭିତ୍ତିକ ଆଭିମୁଖ୍ୟ ଉପରେ ଗୁରୁତ୍ୱ ଦିଆଯିବ ।କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ନିଷ୍ପତ୍ତି ଓ ପଦକ୍ଷେପରେ ଶିଶୁଙ୍କ ସର୍ବୋତ୍ତମ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ। ଉଡଉ ସଦସ୍ୟମାନେ ସମ୍ବେଦନଶୀଳତା, ସହାନୁଭୂତି ଓ ନିଷ୍ଠାର ସହ ନିଜ ଦାୟିତ୍ୱ ତୁଲାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଶିଶୁ କଲ୍ୟାଣ କ୍ଷେତ୍ରରେ ସମସ୍ତ ହିତଧାରୀଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ଏହାସହ ପ୍ରଭାତୀ ପରିଡ଼ା ପ୍ରଶିକ୍ଷଣାର୍ଥୀଙ୍କ ସହ ଆଲୋଚନା କରି ତୃଣମୂଳ ସ୍ତରରେ ଶିଶୁ କଲ୍ୟାଣ ସମ୍ବନ୍ଧୀୟ କାର୍ଯ୍ୟ ସମୟରେ ସେମାନେ ସାମ୍ନା କରୁଥିବା ସମସ୍ୟା ଓ ଅଭିଜ୍ଞତା ବିଷୟରେ ଜାଣିଥିଲେ। ପ୍ରଥମ ବ୍ୟାଚ୍‌ରେ ୭୮ ଜଣ ସିଡବ୍ଲୁସି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବର୍ତ୍ତମାନର ଦ୍ୱିତୀୟ ବ୍ୟାଚ୍ ମାଧ୍ୟମରେ ଶିଶୁ କଲ୍ୟାଣ କମିଟିର ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି ସହ ଶିଶୁ-କୈନ୍ଦ୍ରିକ ଓ ଅଧିକାରଭିତ୍ତିକ କାର୍ଯ୍ୟପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି।

କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର ଅଧ୍ୟକ୍ଷା ବବିତା ପାତ୍ର, ଡବ୍ଲୁସିଡି କମିଶନର-କମ୍-ସଚିବ ଡା. ମୃଣାଳିନୀ ଦର୍ସୱାଲ, ଆଇସିଡିଏସ୍ ଓ ଏସ୍‌ଡବ୍ଲୁ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ୟୁନିସେଫ ସିଏଫ୍‌ଓ ରିନି କୁରିଆନ୍ ଏବଂ ଡଉଡ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକଙ୍କ ସମେତ ଉଡଉ ସଦସ୍ୟ ଓ ୟୁନିସେଫ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନିତିନ ନବୀନଙ୍କ ନୂତନ ଟିମ୍

ନୂଆଦିଲ୍ଲୀ, ୧୭।୮(ନି.ପ୍ର.): ଭାରତୀୟ ଜନତା ପାର୍ଟିରେ ବଡ଼ ସାଙ୍ଗଠନିକ ପରିବର୍ତ୍ତନ କରାଯାଇଛି । କିଛି ପୁରୁଖା ନେତାଙ୍କ ସ୍ଥାନ ବଜାୟ ରହିଥିବାବେଳେ ନୂଆ ଚେହେରା ମଧ୍ୟ ନିତିନଙ୍କ ଟିମରେ ସାମିଲ ହୋଇଛନ୍ତି । ଏହା ସହିତ କିଛି ପୁରୁଣା ନେତାଙ୍କୁ ପୁଣି ଦଳର ପଦପଦବୀରେ ଅବସ୍ଥାନ କରାଯାଇଛି । ଯେଉଁମାନଙ୍କୁ ନେଇ ଦଳର ଆଗାମୀ ରଣନୀତି ପ୍ରସ୍ତୁତ ହେବେ । ନିତିନ ନବୀନ ନୂତନ ଭାବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଗ୍ରହଣ କରିବା ପରେ ଏହା ପ୍ରଥମ ବଡ଼ ଧରଣର ସାଙ୍ଗଠନିକ ଅଦଳବଦଳ ଅଟେ ।

ସୋମବାର ବିଜେପି ପକ୍ଷରୁ ୧୩ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଜଣେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ), ୨ ଜଣ ରାଷ୍ଟ୍ରୀୟ ସହ ସମ୍ପାଦକ (ସଂଗଠନ), ୮ ଜଣ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ, ୧୬ ରାଷ୍ଟ୍ରୀୟ ସମ୍ପାଦକ, ଜଣେ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଏବଂ ଜଣେ ରାଷ୍ଟ୍ରୀୟ ଯୁଗ୍ମ କୋଷାଧ୍ୟକ୍ଷ ଏବଂ ବିଭିନ୍ନ ଜୋନର ସଂଯୋଜକଙ୍କ ନାମ ଘୋଷଣା କରାଯାଇଛି । ନିତିନଙ୍କ ଟିମରେ ଦୁଇ ଜଣ ଓଡ଼ିଆ ନିଜର ସ୍ଥାନ ବଜାୟ ରଖିଛନ୍ତି । କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉପରେ ପୁନର୍ବାର ଭରସା କରି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଦାନ କରାଯାଇଥିବାବେଳେ ପୁରୀ ସାଂସଦ ସମ୍ବିତ ପାତ୍ର ଉତ୍ତରପୂର୍ବ ଜୋନର ସଂଯୋଜକ ଦାୟିତ୍ୱ ସମ୍ଭାଳିବେ।

ବିଜେପି ମହିଳା ନେତୃତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଛି । ଦଳ ପକ୍ଷରୁ ପ୍ରକାଶିତ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତାଲିକାରେ ୬ ଜଣ ମହିଳା ନେତ୍ରୀ ଥିବାବେଳେ ୭ ଜଣ ପୁରୁଷ ରହିଛନ୍ତି । ରାଜସ୍ଥାନ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ବସୁନ୍ଧରା ରାଜେ, ତିରଥ ସିଂହ ରାୱତ, ରାମ ମାଧବ, ବୈଜୟନ୍ତ ପଣ୍ଡା, ଡି ପୁରନ୍ଦେଶ୍ୱରୀ, ରେଖା ବର୍ମା, ବର୍ଷାବେନ ନରେନ୍ଦ୍ର ଭାଇ ଦୋଷୀ, ଭାରତୀ ପ୍ରବୀଣ ପାୱାର, ସର୍ଦ୍ଦାର ମନପ୍ରୀତ ସିଂହ ବାଦଲ, ଲାଲ ସିଂହ ଆର୍ଯ୍ୟ, ପ୍ରଫେସର ଏମ୍ ନାଗରାଜ, ପ୍ରଫେସର ତାରିକ ମନସୁର ଏବଂ ଡାକ୍ତର ମଧୁଚନ୍ଦ୍ର କର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି । ଦିଲ୍ଲୀ



ବିଜେପିର ଶ୍ରୀ ବି.ଏଲ୍ ସନ୍ତୋଷ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ହୋଇଛନ୍ତି । ସେହିପରି ଶ୍ରୀ ଶିବପ୍ରକାଶ ଏବଂ ଶ୍ରୀ ସୌଦାନ ସିଂହଙ୍କ ରାଷ୍ଟ୍ରୀୟ ଯୁଗ୍ମ ସାଧାରଣ ସମ୍ପାଦକ (ସଂଗଠନ) ଦାୟିତ୍ୱ ମିଳିଛି । ସେହିପରି ବିନୋଦ ତାୱଡେ, ସୁନିଲ ବଂଶଲ, ବିପ୍ଲବ କୁମାର ଦେବ, ସ୍ମୃତି ଇରାନୀ, ସତୀଶ ପୁନିଆ, ଗଜେନ୍ଦ୍ର ପଟେଲ, ହରିଶ ଦ୍ୱିବେଦୀ ଏବଂ ସଞ୍ଜୟ ଭାଟିଆଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ୧୬ ବରିଷ୍ଠ ନେତାଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଦାୟିତ୍ୱ ମିଳିଛି, ଯେଉଁଥିରେ ଅଛନ୍ତି କବିତା ପାଟିଦାର, କେ. ସୁରେନ୍ଦ୍ରନ୍, ଡା. ଭୋଲା ସିଂ, ପ୍ରଦୀପ ବର୍ମା, ଜଗଦୀଶ ଇଶ୍ୱରଭାଇ ପଟେଲ୍, ସନ୍ଦୀପ ପାଠକ, ଫଙ୍ଗ୍‌ନ୍ କୋନ୍ୟାକ, ସଙ୍ଗୀତା ଯାଦବସ ଅନିଲ ଆଂଟୋନୀ, ଏମ୍. ଭେଙ୍କଟେସନ୍, ମନୋଜ ଟିଗ୍ଗା, ସିଦ୍ଧାର୍ଥ ଶମ୍ଭୁ, ସ୍ୱଦେଶ ସିଂହ, ମୃଗଙ୍କା ଦେଓ ବର୍ମନ, ରୋହନ ଗୁପ୍ତା ଏବଂ ଜୟ ପ୍ରକାଶ।

କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ହୋଇଥିବାବେଳେ ରାଜେଶ ମଙ୍ଗଲ ରାଷ୍ଟ୍ରୀୟ ଯୁଗ୍ମ କୋଷାଧ୍ୟକ୍ଷ ହୋଇଛନ୍ତି । କେନ୍ଦ୍ରୀୟ କାର୍ଯ୍ୟାଳୟର ଇନ୍-ଚାର୍ଜ ଭାବେ ତରୁଣ ସିଂ ଓ ସମ୍ପାଦକ ଭାବେ ମହେନ୍ଦ୍ର ପାଣ୍ଡେଙ୍କ ଦାୟିତ୍ୱ ମିଳିଛି ।

ଉତ୍ତରପୂର୍ବ ସଂଯୋଜକ ଦାୟିତରେ ଡାକ୍ତର ସମ୍ବିତ ପାତ୍ର ଥିବାବେଳେ ଯୁଗ୍ମ ସଂଯୋଜକ ଦାୟିତ୍ୱରେ ଅଛନ୍ତି ରାଜୀବ ବବ୍ବର। ସେହିପରି ପ୍ରକୋଷ୍ଠ ସଂଯୋଜକ ଭାବେ ବିଷ୍ଣୁ ଦତ୍ତ ଶର୍ମା ଏବଂ ଯୁଗ୍ମ ସଂଯୋଜକ ଭାବେ ଋତୁରାଜ ସିହ୍ନା ଏବଂ ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ ନିଯୁକ୍ତି ପାଇଛନ୍ତି । ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଭାରତୀୟ ଜନତା ପାର୍ଟିର ଜାତୀୟ ଦଳର ସମସ୍ତ ନବନିଯୁକ୍ତ ପଦାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଦଳ ଅଭିଜ୍ଞତା ଏବଂ ଶକ୍ତିର ମିଶ୍ରଣ ବୋଲି ସେ କହିଛନ୍ତି । ଏହି ଦଳ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ସଂଗଠନକୁ ନୂତନ ଗତି ଦେବ।

## ବନ୍ୟା ଜଳ ନିଷ୍କାସନରେ ଲାଗିବ ୪ରୁ ୫ ଦିନ: ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ

ଭୁବନେଶ୍ୱର, ୧୭।୮(ନି.ପ୍ର.): ରାଜ୍ୟରେ ଲଗାଣ ବର୍ଷା ପାଇଁ ବୈତରଣୀ ଓ ଜଳକା ନଦୀରେ ଜଳ ସ୍ତର ବୃଦ୍ଧି ପାଇଛି । ଫଳରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି । ଲଗାତର ଦୁଇଟି ଲଘୁଚାପ ପାଇଁ ପାଣି ନିଷ୍କାସନରେ ସମୟ ଲାଗୁଛି । ଜଳ ନିଷ୍କାସନରେ ଆହୁରି ୪ରୁ ୫ ଦିନ ସମୟ ଲାଗିବ । ଯଦି ଏହା ପରେ ଆଉ ଲଘୁଚାପ ସୃଷ୍ଟି ହୁଏ ତାହା ହେଲେ ସମସ୍ୟା ସୃଷ୍ଟି ହୋଇପାରେ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି ।

ବୈତରଣୀ ଓ ଜଳକା ନଦୀରେ ବନ୍ୟା ଆସିବା ଯୋଗୁଁ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବନ୍ୟା ଆସିଛି । ନଦୀରେ ଜଳ ସ୍ତର କମୁଥିବାରୁ ବନ୍ୟା ସ୍ଥିତିରେ ମଧ୍ୟ ସୁଧାର ଆସିବ । ବୈତରଣୀ ବନ୍ୟା ପାଣି ନିଷ୍କାସନ ପାଇଁ ୪ ଦିନ ସମୟ ଲାଗିବ । ଯାଜପୁର ଜିଲ୍ଲାରେ ୨ଟି ଘାଇର ମରାମତି କାମ ଚାଲିଥିବାବେଳେ ଆଉ ଗୋଟିଏ ଘାଇର କାମ ଅଧାରୁ ବନ୍ଦ ରହିଛି ।

ଖୋଲିଲା ହୀରାକୁଦର ଆଉ ୫ଟି ଗେଟ୍। ପୂର୍ବରୁ ହୀରାକୁଦ ଡ୍ୟାମର ଖୋଲା ଥିଲା ୨ଟି ଗେଟ୍। ଏବେ ୫ ଗେଟ୍ ଖୋଲିବା ଫଳରେ ମୋଟ ୭ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ସକାଳ ୯ଟା ସୁଦ୍ଧା ଡ୍ୟାମର ଜଳପତ୍ତନ ୬୧୯ ଦଶମିକ ୨ ଫୁଟରେ ପହଞ୍ଚିଛି। ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଛି। ଏହି ସମୟରେ ଡ୍ୟାମ୍ ମଧ୍ୟକୁ ସେକେଣ୍ଡ ପ୍ରତି ୨ ଲକ୍ଷ ୧ ହଜାର ୨୪୦ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ, ୧ ଲକ୍ଷ ୪୨ ହଜାର ୨୮୪ ଘନଫୁଟ୍ ଜଳ ନିଷ୍କାସନ ହେଉଛି।

ବ୍ରାହ୍ମଣୀ, ମହାନଦୀ, ସୁବର୍ଣ୍ଣରେଖା ଏବଂ ଜଳକାରେ ନଦୀରେ ବନ୍ୟା ଆଶଙ୍କା ନାହିଁ । ହୀରାକୁଦର ଆଜି ଆଉ ୫ଟି ଗେଟ୍ ଖୋଲାଯାଇଛି । ମୋଟ ୭ଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି। ସକାଳ ୯ଟା ସୁଦ୍ଧା ଡ୍ୟାମର ଜଳପତ୍ତନ ୬୧୯ ଦଶମିକ ୨ ଫୁଟରେ ପହଞ୍ଚିଛି । ଏହି ସମୟରେ ଡ୍ୟାମ୍ ମଧ୍ୟକୁ ସେକେଣ୍ଡ ପ୍ରତି ୨ ଲକ୍ଷ ୧ ହଜାର ୨୪୦ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ, ୧ ଲକ୍ଷ ୪୨ ହଜାର ୨୮୪ ଘନଫୁଟ୍ ଜଳ ନିଷ୍କାସନ ହେଉଛି। ତଥାପି ମହାନଦୀରେ କୌଣସି ବନ୍ୟା ସ୍ଥିତି ନାହିଁ । ସେହିଭଳି ସୁବର୍ଣ୍ଣରେଖା ଏବଂ ଜଳକାରେ ବନ୍ୟା ସ୍ଥିତି ନାହିଁ । ବର୍ଷା କମ୍ ଥିବାରୁ ରାତି ପର ?ୟ୍ୟନ୍ତ ପାଣି ବଢିବଏବଂ ରାତି ଠାରୁ ପାଣି କମିବ । ଝାଡ଼ଖଣ୍ଡ ଚାନ୍ଦେଲି ଡ୍ୟାମରୁ ୧୫୦୦ କ୍ୟୁବେକ ପାଣି ଆସୁଛି । ୬ ହଜାର ପାଖାପାଖି ଆସିଲେ ସମସ୍ୟା ହୋଇପାରେ ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ।

ମଙ୍ଗଳବାର ୧୮ ଅଗଷ୍ଟ, ୨୦୨୬, ଭୁବନେଶ୍ୱର

August 18, Tuesday 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପରଂବ୍ରହ୍ମଙ୍କ ନିମଦାରୁ ମୂର୍ତ୍ତିର ମହତ୍ତ୍ୱ

**ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ**

ଧର୍ମ ଦିଗରୁ ଜଗନ୍ନାଥ ଯେପରି ଶ୍ରେଷ୍ଠ ଦେବତା - ଜଗତର ନାଥ, ସାମାଜିକତା ଦୃଷ୍ଟିରୁ ସେ ଯେପରି ଦୀନ ଜନତାର ବନ୍ଧୁ- ଦୀନବନ୍ଧୁ ଓ ଜଗବନ୍ଧୁ, ସାମ୍ପ୍ରତିକ ଆନ୍ତର୍ଜାତିକ ବିଚାରରେ ସେ ସେହିଭଳି ବିଶ୍ୱ ଭାତୃତ୍ୱର ପ୍ରତୀକ । ଅନ୍ୟ କୌଣସି କାଷ୍ଠରେ ନିର୍ମିତ ନ ହୋଇ ଠାକୁରଗଣ ନିମ କାଷ୍ଠରେ ନିର୍ମିତ ହେବା ଏହି ବିଶ୍ୱ ଭ୍ରାତୃତ୍ୱର ସଙ୍କେତ ବହନ କରେ । କାରଣ ନିମକାଷ୍ଠ, ମୈତ୍ରୀ ପ୍ରୀତିର ପ୍ରତୀକ । ମଳୟ ସ୍ପର୍ଶରେ ଏହା 'ମହାସୌରଭ' ବିତରଣ କରିଥାଏ ଏବଂ ଏହା ଯେତିକି ପୁରୁଣା ହୁଏ, ସେତିକି ମଧୁର ସ୍ୱାଦଯୁକ୍ତ ହୁଏ । ଗୀତାର ପୁରୁଷୋତ୍ତମ ଯୋଗ, ଶାବରତନ୍ତ୍ର ଓ ରାଧିକା ସହସ୍ରନାମ ପ୍ରଭୃତି ପ୍ରାଚୀନ ଶାସ୍ତ୍ରରୁ ନିମଦାରୁର ଶ୍ରେଷ୍ଠତ୍ୱ ପ୍ରତିପାଦିତ । ଏହା ପ୍ରୀତିପ୍ରଦ ମୈତ୍ରୀବୃକ୍ଷ ତଥା 'ଦେବଦାରୁ' ରୂପେ ଗୃହୀତ । ଏହି ପ୍ରୀତିପ୍ରଦାୟକ ନିମଦାରୁ ବିଶ୍ୱ ମୈତ୍ରୀର ସଙ୍କେତ ବହନ କରେ ।

ରୂପ ଓ ଅରୂପ, ସଗୁଣ ବ୍ରହ୍ମ ଓ ନିର୍ଗୁଣ ବ୍ରହ୍ମ ଏବଂ ସାକାର ଓ ନିରାକାର ସମ୍ଭୂତ ଅଚିନ୍ତ୍ୟ ରୂପ ଓ ବିଚିତ୍ର ଆକୃତସମ୍ପନ୍ନ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନଙ୍କ ମୂର୍ତ୍ତିରୂପରେ ତାତ୍ତ୍ୱିକ ମହତ୍ତ୍ୱ ବାସ୍ତବିକ ଅତି ରହସ୍ୟମୟ । ସେ 'ନିରାକାର ଜ୍ୟୋତିର୍ମୟ', ସେ 'ସହସ୍ରାଶୀର୍ଷା ବିରାଟ ପୁରୁଷ', 'ଯଜ୍ଞ-ନୃସିଂହ' (ଯଜ୍ଞେଶ୍ୱର ବା ଯଜ୍ଞ ପୁରୁଷ), ନୀଳାଖ୍ୟ ମୂର୍ତ୍ତି ବା ନୀଳମାଧବ । ପ୍ରାଚୀନ କାଳରେ ପ୍ରଥମାବସ୍ଥାରେ ନିର୍ଗୁଣ ଓ ନିରାକାର ଜ୍ୟୋତିର୍ମୟ, ବ୍ରହ୍ମ ଯେତେବେଳେ ମୁନି, ଋଷି, ଅବତାରୀ ପୁରୁଷ ଓ ଦେବତାମାନଙ୍କ ଦ୍ୱାରା ଉପାସିତ ହେଉଥିଲେ, ସେ ସମୟରେ ସେହି ନାରାୟଣ ଜ୍ୟୋତି ଅପୌରୁଷେୟ ପରଂବ୍ରହ୍ମଙ୍କ କୌଣସି ରୂପ ବା ଆକୃତି ନଥିଲା କିମ୍ବା କୌଣସି ମନ୍ଦିରର ଗମ୍ଭୀରା ବା ଦେଉଳ ମଧ୍ୟରେ ସ୍ଥାପିତ ହୋଇନଥିଲେ । ସେ ଥିଲେ କେବଳ ଜ୍ୟୋତିର୍ମୟ, ଏକ ଜ୍ୟୋତିଃ ପ୍ରକାଶନ ବସ୍ତୁ । ତାଙ୍କୁ ଜ୍ୟୋତି ପ୍ରକାଶୋ ଭଗବାନ ସାକ୍ଷାତ ନାରାୟଣ ପ୍ରଭୁ' ରୂପେ ଗ୍ରହଣ କରାଯାଉଥିଲା ।

ଶ୍ରୀଜୀଉମାନଙ୍କର ଯେଉଁ ନବକଳେବର ଅନୁଷ୍ଠିତ ହୁଏ, ତାହା ସାଧାରଣ ନିମଦାରୁରେ ହୋଇନଥାଏ । ସେଥିପାଇଁ କାକଟପୁର ମଙ୍ଗଳାଙ୍କ ସ୍ୱପ୍ନାଦେଶ ପ୍ରକାରେ ବିଶେଷ ନିମ ବୃକ୍ଷର ସନ୍ଧାନ କରିବାକୁ ପଡ଼ିଥାଏ, ଯେମିତି ତାହା ଚତୁର୍ଶାଖ ବିଶିଷ୍ଟ ହୋଇଥିବ, କୌଣସି ମଠ, ମନ୍ଦିର, ଉଈହୁଙ୍କା, ନଦୀ, ଶ୍ମଶାନ ବା ସର୍ପବିଳ ନିକଟରେ ଥିବ, ମଧ୍ୟମାଙ୍ଗୁଷ୍ଠରେ ଅନ୍ୟୁନ ୯୬ ଯବମାପର ପ୍ରାୟ ଅଢ଼େଇ ମିଟର ଚୌରସ ହୋଇଥିବ, ଅନ୍ୟ ବୃକ୍ଷର ଡାଳ ସ୍ପର୍ଶ କରିନଥିବ, ବଜ୍ରାଘାତ, ଅସ୍ତ୍ରାଘାତ ବା ପକ୍ଷୀବସା ନଥିବ ଏବଂ ଶଙ୍ଖ, ଚକ୍ରାଦି ଦିବ୍ୟ ସଙ୍କେତ ଦୃଶ୍ୟମାନ ହେଉଥିବ । ବନଯାଗ ଓ ପୂଜା ପ୍ରକରଣାଦି ପରେ କ୍ରମାନ୍ୱୟରେ ସ୍ୱର୍ଣ୍ଣ, ରୌପ୍ୟ ଓ ଲୌହ କୁରାଢ଼ି ଦ୍ୱାରା ଛେଦନ କରି ବର, ତିନ୍ତୁଳି ବା କେନ୍ଦୁ କାଷ୍ଠରେ ନିର୍ମିତ ସ୍ୱତନ୍ତ୍ର ଶଗଡ଼ରେ ତାହା ମନୁଷ୍ୟଙ୍କ ଦ୍ୱାରା ଟଣାଯାଇ ଅଣାଯାଇଥାଏ । ପରେ ବିଧିମୁତାବକ ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନଙ୍କର ୮୪ ଯବ ଉଚ୍ଚତା ବିଶିଷ୍ଟ ଓ ସୁଭଦ୍ରାଙ୍କର ସାଢ଼େ ୫୨ ଯବ ଉଚ୍ଚ ମୂର୍ତ୍ତି ନିର୍ମାଣ କରାଯାଇଥାଏ । ଜଗନ୍ନାଥଙ୍କ ରୂପ ଚକ୍ରାକୃତି, ବଳରାମଙ୍କ ଶଙ୍ଖାକୃତି, ସୁଭଦ୍ରାଙ୍କର ପଦ୍ମାକୃତି ଓ ସୁଦର୍ଶନଙ୍କର ଗଦାକୃତି ତଥା ବସ୍ତ୍ର, ନେତ, ଅର୍କ, ଚନ୍ଦନାଦି ଉପକରଣ ଅସ୍ଥି, ଚର୍ମ, ରକ୍ତ, ମାଂସ ଓ ମଜ୍ଜାର ପ୍ରତୀକ ରୂପେ ଗୃହୀତ ।

ଆମର ଜୀବ ଓ ଜଡ଼ ଜଗତ ଯେ ଅଦୃଶ୍ୟ ବ୍ରହ୍ମର ପ୍ରକାଶ୍ୟ ଶକ୍ତିରୂପ ଏବଂ ବ୍ରହ୍ମ ଓ ବ୍ରାହ୍ମଣ୍ଡ ମଧ୍ୟରେ ଆତ୍ମା ଓ ଶରୀରର ସଂପର୍କ ନିହିତ, ଏହା ହିଁ ଦାରୁମୟ ପରଂବ୍ରହ୍ମଙ୍କ କିୟାତ୍ମକ ଓ ନିୟାମକ ଶକ୍ତି ତଥା ସୃଷ୍ଟିର ଗତିଶୀଳତାର ପରିଚାୟକ । ଏଥିପାଇଁ, ଶ୍ରୀକ୍ଷେତ୍ର ବ୍ରହ୍ମବାଦୀଙ୍କର ବୈକୁଣ୍ଠ, ସାଧୁ ସନ୍ଥଙ୍କର ଲୀଳାଭୂମି, ସିଦ୍ଧ ସାଧକଙ୍କ ତପୋସ୍ଥଳ, ସମସ୍ତ ସଂପ୍ରଦାୟର ଭକ୍ତଜନଙ୍କର ଶ୍ରେଷ୍ଠ ତୀର୍ଥକ୍ଷେତ୍ର । ସର୍ବୋପରି, ସଂସାରୀମାନଙ୍କର ଏହା ପ୍ରିୟ ଶ୍ରଦ୍ଧାଧାମ, ମୋକ୍ଷ ମାର୍ଗର ମୁଖ୍ୟଦ୍ୱାର । ସ୍କନ୍ଦ ପୁରାଣ ଭାଷାରେ - 'ଦେବଦେବ ଜଗନ୍ନାଥ ସର୍ବତୀର୍ଥ ପ୍ରବର୍ତ୍ତକଃ, ସର୍ବତୀର୍ଥମୟଶ୍ଚାପି ସର୍ବଦେବମୟ ପ୍ରଭୋ । କିଂ ବ୍ରତେ କିଂ ତପୋଦାନେ କିଂ କୃଚ୍ଛେ କ୍ରତୁଭିସ୍ତଥା, କିମଷ୍ଟାଙ୍ଗ ଯୋଗେନ କିଂ ସାଂଖ୍ୟେନ ପରେଣଚ, ତୀର୍ଥରାଜ ଜଳେ ସ୍ନାତ୍ୱା କ୍ଷେତ୍ର ଶ୍ରୀ ପୁରୁଷୋତ୍ତମେ, ନ୍ୟଗ୍ରୋଧମୂଳ ବସତୋ ବସନ୍ତ ଧର୍ମଚକ୍ଷୁଷା, ଦୃଷ୍ଟ୍ୱା ଦାରୁମୟ ବ୍ରହ୍ମଂ ଦେହବନ୍ଧାତ ପ୍ରମୁଚ୍ୟତେ ।'

ଏହାର ସାରମର୍ମ ହେଲା - ଶ୍ରୀଜଗନ୍ନାଥ ସର୍ବଦେବମୟ, ସେ ଦେବତାମାନଙ୍କର ଦେବତା, ସେ ସର୍ବତୀର୍ଥ ପ୍ରବର୍ତ୍ତକ, ସର୍ବତୀର୍ଥମୟ । ଏଣୁ ରୋଗ, ଶୋକ, ସନ୍ତାପ ଜର୍ଜରିତ ସଂସାର ସାଗରରେ ଉବୁଟୁବୁ ହେଉଥିବା ପ୍ରାଣୀଗଣ ଏହି ଚିରବସନ୍ତ ବିରାଜିତ ମର୍ତ୍ତ୍ୟର ଅମରାବତୀ ଧାମରେ ସରିତ, ସାଗର, ସରୋବର ସର୍ବତ୍ର ପରିବ୍ୟାପ୍ତ ପବିତ୍ର ତୀର୍ଥଜଳରେ ସ୍ନାନ ପୂର୍ବକ ସ୍ୱଚକ୍ଷୁରେ ଦାରୁମୟ ବ୍ରହ୍ମଙ୍କୁ ଅବଲୋକନ କରି ଦୈହିକ ବନ୍ଧନରୁ ଅକ୍ଳେଶରେ ମୁକ୍ତିଲାଭ କରିପାରିବେ । ଏଥିପାଇଁ ଜପ, ତପ, ଧ୍ୟାନ, ଧାରଣା, ଦାନ, ଯୋଗାସନ, ବ୍ରତୋପାସନାଦି କୃଚ୍ଛ ସାଧନାର କୌଣସି ପ୍ରୟୋଜନ ନାହିଁ । ଏଥିପାଇଁ ଭକ୍ତକବି ରାମଦାସ 'ଦାର୍ଢ୍ୟତାଭକ୍ତି ରସାମୃତ'ରେ ଭକ୍ତ ରଘୁଦାସ ପ୍ରସଙ୍ଗରେ ଲେଖିଛନ୍ତି - 'ଧୂଳିଆ ପହଣ୍ଡେ ଦର୍ଶନ । କଲା ସେ ପ୍ରଭୁ ଭଗବାନ ।। ବୋଇଲା ଆହେ ମହାବାହୁ । ଶରଣ ପଞ୍ଜର ବୋଲାଉ ।। ତୋ ରୂପ କରିବି ଦର୍ଶନ । ତୋ ନାମ କରିବି ଗାୟନ ।।' ଅନ୍ୟତ୍ର, ଭକ୍ତ ବଳରାମ ଦାସଙ୍କ ସଂପର୍କରେ କବିଙ୍କ ଭାଷାରେ ପ୍ରଭୁ ଜଗନ୍ନାଥଙ୍କ ଉକ୍ତି ହେଉଛି - 'ମୋର ଭକତ ଯେଉଁ ଜନ, ମୋହର ନାମ କରେ ଗାନ । ସେ କେବେ ଅଶୁଚି ନୁହଇ, ସର୍ବଦା ଶୁଚିମନ୍ତ ଦେହୀ ।' ଏଠାରେ କହିବା ବାହୁଲ୍ୟ ଯେ ଭକ୍ତବତ୍ସଳ ଭଗବାନ ସରିତ-ସାଗର, ଗିରି-କନ୍ଦର, ତରୁଲତା, ପ୍ରାସାଦ-ଉଦ୍ୟାନ ବା ମଠ-ମନ୍ଦିରର ରତ୍ନବେଦୀ ଅପେକ୍ଷା ଭକ୍ତର ହୃଦୟ-ସିଂହାସନରେ ବିରାଜମାନ କରିବା ଲାଗି ସର୍ବଦା ଅଧିକ ଆଗ୍ରହୀ ହୋଇଥାନ୍ତି ।

ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ, ଦୂରଭାଷ : ୯୭୭୮୪୪୯୧୧୯

## ଟଙ୍କା ବଢ଼ିଲା, ମଣିଷ କମିଗଲା

ଆମେ ଆଜି ଏମିତି ଏକ ସମୟରେ ବଞ୍ଚୁଛୁ, ଯେଉଁଠି ଘର ବଡ଼ ହୋଇଛି, କିନ୍ତୁ ହୃଦୟ ଛୋଟ ହୋଇଯାଇଛି; ଆଲମାରି ଭରିଯାଇଛି, କିନ୍ତୁ ମନ ଖାଲି ହୋଇଯାଇଛି; ଆୟ ବଢ଼ିଛି, ସୁବିଧା ବଢ଼ିଛି, ଜୀବନର ଗତି ବଢ଼ିଛି, କିନ୍ତୁ ମଣିଷ ପାଇଁ ମଣିଷର ସମୟ କମିଯାଇଛି । ଏକଦିନ ଆମ ଘର ଛୋଟ ଥିଲା, କିନ୍ତୁ ସେହି ଛୋଟ ଘରେ ଅନେକ ହୃଦୟ ଏକାଠି ହସୁଥିଲେ, କାନ୍ଦୁଥିଲେ, ଖାଉଥିଲେ, ବଞ୍ଚୁଥିଲେ; ଆଜି ଘରର କୋଠରୀ ବଢ଼ିଛି, ଦ୍ୱାର ବଢ଼ିଛି, ସୁବିଧା ବଢ଼ିଛି, କିନ୍ତୁ ସେହି ଘରରେ ଏକାକୀପଣ ମଧ୍ୟ ବଢ଼ିଛି । ପୂର୍ବ ? ସନ୍ଧ୍ୟା ହେଲେ ଘର ଅଗଣାରେ ପରିବାରର ସମସ୍ତେ ଏକାଠି ବସୁଥିଲେ, ଦିନସାରା କଥା କହୁଥିଲେ, ହସୁଥିଲେ, ଦୁଃଖ ବାଣ୍ଟୁଥିଲେ; ଆଜି ସେହି ସନ୍ଧ୍ୟାରେ ଏକେ ଘରର ଲୋକ ଭିନ୍ନ ଭିନ୍ନ କୋଠରୀରେ ବନ୍ଦ, ଏକାଠି ରହି ମଧ୍ୟ ପରସ୍ପରଠାରୁ ଦୂର । ପ୍ରଶ୍ନ ହେଉଛି—ଆମେ କ'ଣ ପାଇଲୁ ଏବଂ କ'ଣ ହରାଇଲୁ ? ଆମେ ଅର୍ଥ ରୋଜଗାର କରିବାରେ ସଫଳ ହେଲୁ, କିନ୍ତୁ ସମ୍ପର୍କ ସଞ୍ଚୟ କରିବାରେ କାହିଁକି ବିଫଳ ହେଲୁ ? ଆମେ ଘରକୁ ଆଲୋକରେ ଭରିଦେଲୁ, କିନ୍ତୁ ଘରର ବୃଦ୍ଧ ମାଆଙ୍କ ଆଖିର ଅନ୍ଧାରକୁ କାହିଁକି ଦେଖିପାରୁନାହୁଁ ? ଆମେ ପିଲାଙ୍କ ପାଇଁ ଭଲ ପୋଷାକ, ଭଲ ଖେଳନା ଓ ସମସ୍ତ ସୁବିଧା କିଣିଦେଉଛୁ, କିନ୍ତୁ ସେମାନଙ୍କ ସହିତ ଦୁଇ ମୁହୂର୍ତ୍ତ ବସି ମନର କଥା ଶୁଣିବାକୁ କାହିଁକି ସମୟ ପାଉନାହୁଁ ? ଆମେ ବାପାମାଆଙ୍କ ପାଇଁ ଔଷଧ କିଣିପାରୁଛୁ, କିନ୍ତୁ ତାଙ୍କ ପାଖରେ ବସି ତାଙ୍କ ହାତ ଧରିବାକୁ କାହିଁକି ଭୁଲିଯାଉଛୁ ? ଏହି ପ୍ରଶ୍ନର ଉତ୍ତର ଆମ ସମସ୍ତଙ୍କ ଅନ୍ତରାତ୍ମାରେ ଲୁଚିଛି । ଟଙ୍କା ଆବଶ୍ୟକ, ଏହାକୁ ଅସ୍ୱୀକାର କରିହେବ ନାହିଁ; ଅର୍ଥ ଛଡ଼ା ଜୀବନ ଅନେକ ସମୟରେ କଷ୍ଟକର ହୋଇଯାଏ । କିନ୍ତୁ ଟଙ୍କା ଯେତେବେଳେ ଜୀବନର ଆବଶ୍ୟକତାରୁ ଜୀବନର ଲକ୍ଷ୍ୟ ହୋଇଯାଏ, ସେତେବେଳେ ମଣିଷ ଧୀରେ ଧୀରେ ନିଜ ମଣିଷପଣକୁ ହରାଇବା ଆରମ୍ଭ କରେ । ଆଜି ଆମେ ପଚାରୁଛୁ—କେତେ ରୋଜଗାର କରୁଛ ? କେଉଁ ଘରେ ରହୁଛ ? କେଉଁ ଗାଡ଼ିରେ ଯାଉଛ ? କେତେ ସମ୍ପତ୍ତି ଅଛି ? କିନ୍ତୁ ବହୁତ କମ୍ ଲୋକ ପଚାରୁଛନ୍ତି—ତୁମେ ଖୁସି ଅଛ କି ? ତୁମ ମାଆ ଭଲ ଅଛନ୍ତି କି ? ତୁମ ବାପାଙ୍କ ମନ କେମିତି ଅଛି ? ତୁମ ପିଲା ତୁମ ସହିତ କଥା ହେବାକୁ ଚାହୁଁଛି କି ? ତୁମ ପଡ଼ ?ଶୀଙ୍କ ଘରେ ଆଜି ଚୁଲି ଜଳିଛି କି ? ଏହି ପ୍ରଶ୍ନଗୁଡ଼ିକ ଆମ ଜୀବନରୁ ହଜିଯାଉଛି । ଆମେ ଧନୀ ହେଉଛୁ, କିନ୍ତୁ ଦୟାରେ ଗରିବ ହେଉଛୁ; ଆମେ ସୁବିଧାରେ ଆଗକୁ ବଢ଼ୁଛୁ, କିନ୍ତୁ ସମ୍ପର୍କରେ ପଛକୁ ଫେରୁଛୁ । ଏକ ସମୟରେ ପଡ଼ ?ଶୀ ଘରରେ ଦୁଃଖ ହେଲେ ଆମ ଘରର ଚୁଲି ମଧ୍ୟ ଶାନ୍ତ ହୋଇଯାଉଥିଲା; ଆଜି ପାଖ ଘରରେ କେହି ଅସୁସ୍ଥ ହୋଇ ପଡ଼ିଥିଲେ ମଧ୍ୟ ଆମେ ଦ୍ୱାର ଖୋଲି ପଚାରିବାକୁ ସମୟ ପାଉନାହୁଁ । ଏହା କେବଳ ଜୀବନଶୈଳୀର ପରିବର୍ତ୍ତନ ନୁହେଁ, ଏହା ମାନବିକତାର ପରୀକ୍ଷା । ଆମ ଗାଁଗୁଡ଼ିକରେ ଏବେ ମଧ୍ୟ ଅନେକ ସରଳ ମଣିଷ ଅଛନ୍ତି, ଯେଉଁମାନେ ନିଜ ଘରେ ଅଭାବ ଥିଲେ ମଧ୍ୟ ଅତିଥିଙ୍କୁ ଖାଲି ହାତରେ ଫେରାନ୍ତି ନାହିଁ; ନିଜ ପିଲା ପାଇଁ ରଖିଥିବା ଭାତରୁ ମଧ୍ୟ ଅନ୍ୟକୁ ଦୁଇ ମୁଠା ଦେଇଦିଅନ୍ତି । ସେଠାରେ ଧନ କମ୍ ଥାଇପାରେ, କିନ୍ତୁ ମନର ସମ୍ପତ୍ତି ବହୁତ ବଡ଼ । ଅନ୍ୟପଟେ ସହରର ଚକଚକିଆ ଜୀବନରେ ସବୁକିଛି ଥାଇପାରେ, କିନ୍ତୁ ପାଖରେ ବସି କଥା ହେବା ପାଇଁ ଜଣେ ମଣିଷ ନଥିବା ଦୃଶ୍ୟ ମଧ୍ୟ ଆମେ ଦେଖୁଛୁ । ବୃଦ୍ଧାବସ୍ଥା ଆଜି ଅନେକ ଘରର ନିରବ ଦୁଃଖ । ଯେଉଁ ବାପା ନିଜ ପୁଅର ହାତ ଧରି ତାକୁ ବିଦ୍ୟାଳୟକୁ ନେଇଥିଲେ, ଯେଉଁ ମାଆ ନିଜ ଭୋକ ଭୁଲି ପିଲାକୁ ଖୁଆଇଥିଲେ, ସେହି ବାପାମାଆ ଆଜି ନିଜ ପିଲାର ଗୋଟିଏ ଫୋନ୍ ପାଇଁ ଅପେକ୍ଷା କରୁଛନ୍ତି । ପୁଅ ଦୂର ସହରରେ ରୋଜଗାର କରୁଛି, ଝିଅ ଦୂର ଘରେ ନିଜ ସଂସାରରେ ବ୍ୟସ୍ତ, ଘରର ଦ୍ୱାର ଖୋଲା ଅଛି, କିନ୍ତୁ ଘରର ମନ ଖାଲି । ମାଆ କହୁନାହାନ୍ତି ଯେ ତାଙ୍କୁ ଟଙ୍କା ଦରକାର; ସେ କେବଳ ଚାହାନ୍ତି ପୁଅ ଦିନେ ଥରେ ପଚାରୁ— "ମାଆ, ଖାଇଲୁ କି ?" ବାପା କହୁନାହାନ୍ତି ଯେ ତାଙ୍କୁ ବଡ଼ ଉପହାର ଦରକାର; ସେ କେବଳ ଚାହାନ୍ତି ପୁଅ ତାଙ୍କ ପାଖରେ ବସି କିଛି ସମୟ କଥା କରୁ । ଏହି ଛୋଟ ଛୋଟ ଆଶାଗୁଡ଼ିକ ଯଦି ଆମ ପାଖରେ ବଡ଼ ଲାଗୁଛି, ତେବେ ଆମେ କେଉଁ ଦିଗକୁ ଯାଉଛୁ ? ଆଜିର ପିଲାମାନେ ମଧ୍ୟ ଏକ ଅଦୃଶ୍ୟ ଏକାକୀପଣରେ ବଢ଼ୁଛନ୍ତି । ମାଆବାପା କାମରେ ବ୍ୟସ୍ତ, ଘରେ କଥାବାର୍ତ୍ତା କମ୍, ପରିବାରୀକ ସମୟ କମ୍, ତାଙ୍କ ମନର କଥା ଶୁଣିବାକୁ କେହି ନାହିଁ । ଆମେ ପିଲାଙ୍କ ହାତରେ ଅନେକ ଜିନିଷ ଦେଇପାରୁଛୁ, କିନ୍ତୁ ଯଦି ଆମେ ତାଙ୍କୁ ନିଜ ସମୟ ନଦେବା, ତେବେ ସେମାନଙ୍କ ଶୈଶବରେ ଏକ ଖାଲି ସ୍ଥାନ ରହିଯିବ । ଜଣେ ପିଲା ବଡ଼ ହୋଇ ଯଦି ମନେ ପକାଏ ଯେ ତାଙ୍କ ମାଆବାପା ତାଙ୍କ ପାଇଁ ସବୁକିଛି କିଣିଥିଲେ, କିନ୍ତୁ ତାଙ୍କ ସହିତ ବସି କଥା କହିନଥିଲେ, ତେବେ ସେହି ସ୍ମୃତି କେତେ ମୂଲ୍ୟବାନ ହେବ ? ଆମେ ମନେ ରଖିବା ଦରକାର—ପିଲାମାନେ ଆମର ସମ୍ପତ୍ତି ନୁହନ୍ତି, ସେମାନେ ଆମର ଦାୟିତ୍ୱ । ସେମାନଙ୍କୁ କେବଳ ସୁବିଧା ନୁହେଁ, ସ୍ନେହ ଦରକାର; କେବଳ ଶିକ୍ଷା ନୁହେଁ, ମାନବିକତା ଦରକାର; କେବଳ ସଫଳତା ନୁହେଁ, ବିଫଳ ହେଲେ ମୁଣ୍ଡ ରଖିବାକୁ ଗୋଟିଏ କାନ୍ଧ ଦରକାର ।

## ଶରତ ସନ୍ଧ୍ୟା ର ଆରତୀ

ଶରତ ଛୁଇଁ ଲାଣି
ଆକାଶ ରେ ଦିଶୁଥିବା ଜହ୍ନ କୁ
ମା ଙ୍କ ଆସିବା ବାଟ
ଆଉ କେତେ ଦୂର ବାକି ।
କ୍ଷେତ ସବୁ ଧବଳ ଦିଶୁଚି
ପବନ ର ଚୁମା ରେ
କାଶ ତଣ୍ଡି ଦୋହଲି ଯାଉଛି
ଆନନ୍ଦ ରେ ନିଜକୁ ହଜାଇ ଦେଉଛି ।
କଦମ୍ବ ଫୁଲେ ଜାମୁ କୋଳି ଡାଳେ
ନିବିଡ଼ ଆତ୍ମୟୀ ତା କୁ ବାନ୍ଧି
ଶାବକ ଦଳ ଗାଉଛ ନ୍ତି
ଶୀତଳ କୋମଳ ଗାଥାବାଳୀ ୰୰ ?
ନଡ଼ିଆ ଗଛ ର ଚ ଆଁ ର ପାରି
ପେନ୍ଥା ପେନ୍ଥା ଧରି ଆସୁଛି
କ୍ଲାନ୍ତ ଜୀବନ ର ନବ
ପଲ୍ଲବୀତ ଶୀତଳ ତନୁ
ଶରତ ସନ୍ଧ୍ୟା ର ଆରତୀ
ଦେଖି ଦେଖି ଅଧୀର ହେଉଛି ମନ ଅନ୍ତରଙ୍ଗ ଆବାଜ ଗୁଡିକ
ମିଶିଯାଉଛନ୍ତି ମା ଙ୍କ ପଦ ପଦ୍ମ ରେ ୰୰୰୰୰
ମଧୁର ମୁହୂର୍ତ୍ତ ର ପରଷ
ଗୁଡିକ ଅତି ସୁନ୍ଦର ଭାବେ
କରୁଣା ର ଲୁହ ହୋଇ
ଗଡ଼ି ଯାଉଛନ୍ତି ଆଖି ର ପାଦ ଦେଶେ ଈଈଈଈ
ଅନୁଭୂତି ର ପରିପକ୍ୱ ତା କୁ
ସାଜେଇ ମନ ରେ
ଆବେଗ ଭରା ମନ
ପ୍ରାର୍ଥନା କରିଥାଏ
ତୁମରି କଲ୍ୟାଣ ନିମନ୍ତେ

ପ୍ରଶାନ୍ତି ସାହୁ, ରାୟଗଡା.

# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା

**ଅକ୍ଷୟ କୁମାର ରାଉତ**

ଦେଶଭକ୍ତ,ଚିନ୍ତାନାୟକ ,ମାତୃଭକ୍ତ,ପରୋପକାରୀ,ମାନବପ୍ରେମୀ,ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧ୍ୟଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀ ଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ । ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କର ଙ୍କୁ ପୂଜା ଆରଧନା କରୁଥିବାରୁ ପ୍ରଥମ ପୁତ୍ର ର ନାମ ଶଙ୍କର ଦୟାଲ ଦେଇଥିଲେ । ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ । ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଈ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ,ଶିବ,ଇଶ,ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା , ମା ସମ୍ପତ୍ ଊଣା କରୁ ନଥିଲେ ।

ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ,ପରିବାରରେ ସର୍ବଦା ପୂଜା-ପାଠ,ବ୍ରତ,ଉପବାସ,ନାମ କୀର୍ତନ ଚାଲିଥାଏ ।ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା । ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ । ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ । ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲପାଠପଢା ଆରମ୍ଭ କରିଥିଲେ । ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ । ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ । ଆଗ୍ରାର ସେଣଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ,କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ ।ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ । ସେଠାରେ ସେ ହିନ୍ଦି,ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ । ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍.ଉପାଧି ଲାଭ କଲେ । ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ ।ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା । ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ । ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା ,ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍ଟରେଟ ଉପାଧି ଲାଭ କଲେ । ହାୱାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ । ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ ।ଲେକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନା କଲେ ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ । ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ ।ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀ ଙ୍କ ସହିତ କରିଥିଲେ ।ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ । ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ ।ସେ ଜଣେ ଧର୍ମ ପରାୟଣା ,ପତିବ୍ରତା ନାରୀ ଥିଲେ । ଶଙ୍କର ଦୟାଲ ଙ୍କ ରାଜନୈତିକ ଜୀବନ ସାଥୀ ଥିଲେ । ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ ।ଖାଇବା ପୂର୍ବରୁ ଖାଦ୍ୟକୁ ଈଶ୍ୱରଙ୍କୁ ସମର୍ପଣ କରୁଥିଲେ । ଧର୍ମ ନାମରେ ଛୁଆଁ ଅଛୁଆଁ କୁ ସେ ବିଶ୍ୱାସ କରୁନ୍ତି ନାହିଁ । ଛୋଟ ବେଳୁ ଶଙ୍କର ଦୟାଲଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ ।ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେଭୟ କରୁଥିଲେ ସେହିସମୟରୁସେ ଟୋପିପିନ୍ଧୁଥିଲେ ।

ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି । ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ । ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜ ଙ୍କୁ ସମର୍ଥନ କରୁଥିଲେ । ଭି.ପି.ମେନନ୍ ମଧ୍ୟ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ । ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା । ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ ।ଏହିଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇ ପଡିଲେ । ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା । ଆନ୍ଦୋଳନରେ ଶଙ୍କର ଦୟାଲ ଙ୍କ ସହିତ ଲାଲ ସିଂହ,ଭୈରବ ପ୍ରସାଦ ଓ ଉଦ୍ଧବ ଦାସ,ମେହେଟ୍ଟା ମଧ୍ୟ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ । ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ । ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ । ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା ।୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା ।

ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ । ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ ।ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ ।ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା,ଲୋକନିର୍ମାଣ,ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ । ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧକ୍ଷ ଭାବେ ସେ ନିର୍ବାଚିତ ହେଲେ । ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ । ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀ ଙ୍କ ମଧ୍ୟରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା । ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ । ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧକ୍ଷ ହେଲେ । ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା । ଅଧକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ ।ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ,ପଞ୍ଜାବ ଓ ମହାରାଷ୍ଟ୍ର ର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ ।ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ତୀ ମାନେ ତାଙ୍କ

ଝିଅ ଗୀତାଞ୍ଜଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ ।ଏହି ଦୁଃଖ କୁ ସେ ଧୈର୍ଯ୍ୟ ର ସହିତ ସହିଗଲେ ।୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ ।ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି । ସେ ଆଉ ପୁଅ ମନ ପସନ୍ଦର ଲଡୁ,ବାଇଗଣ ଭର୍ତା,ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି ।ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ । ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର .ଶଙ୍କର ଦୟାଲ ଶର୍ମା ।

ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ । ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ । ସମୟର ସଦୁପଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା । ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି । ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ । ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ୍ୟ ବୁଝୁଥିଲେ । ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ । ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ ।

ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା ।

ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ । ଶଙ୍କରେ ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ ।



**ପାରାଦ୍ୱୀପ ଗଡ,କୁଜଙ୍ଗ, ଜଗସିଂହପୁର**
**ମୋ -୯୯୩୭୬୯୧୪୭୫**



# ଜୈଶ୍ ଏବଂ ତାଲିବାନ ସହିତ ଆରଏସଏସର ତୁଳନା କଲେ କଂଗ୍ରେସ ନେତା ବିକେ ହରିପ୍ରସାଦ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି (କେପିସିସି) ସଭାପତି ବି.କେ. ହରିପ୍ରସାଦ ସୋମବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)କୁ ଜୈଶ୍-ଏ-ମହମ୍ମଦ ଏବଂ ତାଲିବାନ ସହିତ ତୁଳନା କରି କହିଛନ୍ତି ଯେ, ଏହି ତିନୋଟି ସଂଗଠନ ଭାରତରେ ପଞ୍ଜିକୃତ ହୋଇ ନାହାନ୍ତି। ଦେଶପ୍ରେମ ଏବଂ ଆଇନଗତ ସ୍ଥିତି ସହିତ ଜଡିତ ପ୍ରସଙ୍ଗରେ ଭାଷଣ ଦେବା ସମୟରେ ସେ ବେଙ୍ଗାଲୁରୁରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ହରିପ୍ରସାଦ କହିଛନ୍ତି ଯେ ଜୈଶ୍-ଏ-ମହମ୍ମଦ, ତାଲିବାନ ଏବଂ ଆରଏସଏସ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। କାରଣ ସେମାନଙ୍କର ପଞ୍ଜିକୃତ ସମାନ ।ସେ କେରଳର ଉପଚାନ୍ସେଲର ମୋହନନ କୁନ୍ନୁମଲଙ୍କ ବନ୍ଦେ ମାତରମ୍ ବିବାଦ ଉପରେ ଦେଇଥିବା ମନ୍ତବ୍ୟକୁ ମଧ୍ୟ ଉଲ୍ଲେଖ କରି କହିଛନ୍ତି, ଆରଏସଏସ ବିଷୟରେ ସେ ଠିକ୍ କହିଛନ୍ତି କାରଣ ସେମାନେ ବନ୍ଦେ ମାତରମ୍ ଗାନ କରନ୍ତି ନାହିଁ, ନା ଜାତୀୟ ସଙ୍ଗୀତ ଗାନ କରନ୍ତି, ନା ତ୍ରିରଙ୍ଗା ଉତ୍ତୋଳନ କରନ୍ତି। ସ୍ୱାଧୀନତା ଦିବସରେ ବନ୍ଦେ ମାତରମ୍ ଗାନରେ ବାଧା ସୃଷ୍ଟି କରିବା ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫଆଇଆର ରୁଜୁ ହେବା ପରେ ଏହି ମନ୍ତବ୍ୟ ଆସିଛି। କେରଳର ଭିସି ମୋହନନ କୁନ୍ନୁମଲ ଏକ ଆରଏସଏସ ସମାବେଶରେ ଜାତୀୟ ସଙ୍ଗୀତକୁ ବିରୋଧ କରୁଥିବା ଲୋକଙ୍କ ଉପରେ ତାଙ୍କର ସାମ୍ପ୍ରତିକ ମନ୍ତବ୍ୟ ନେଇ ସମାଲୋଚନାର ସମ୍ମୁଖୀନ ହେବା ପରେ ମଧ୍ୟ ଏହି ମନ୍ତବ୍ୟ ଆସିଛି ।ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ. ସନ୍ତୋଷ ଏକ ହିନ୍ଦୁ ଜାଗରଣ କାର୍ଯ୍ୟକ୍ରମରେ ଯେତେବେଳେ କହିଥିଲେ ଯେ, ଆରଏସଏସକୁ ଆଇନଗତ ପଞ୍ଜୀକରଣର ଆବଶ୍ୟକତା ନାହିଁ, ସେତେବେଳେ ଆରଏସଏସ ପଞ୍ଜୀକରଣ ଉପରେ ବିତର୍କ ଆହୁରି ତୀବ୍ର ହୋଇଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏକ ସଂଗଠନର ପରିଚୟ କାଗଜପତ୍ର ଦ୍ୱାରା ନୁହେଁ ବରଂ ଜନସାଧାରଣଙ୍କ ବିଶ୍ୱାସ ଦ୍ୱାରା ନିର୍ଣ୍ଣୟ କରାଯାଏ। ସେ ଦର୍ଶାଇଥିଲେ ଯେ ଆରଏସଏସ ୧୯୨୫ ମସିହାରୁ କୌଣସି ଆଇନଗତ ସ୍ଥିତି ବିନା କାର୍ଯ୍ୟ କରିଆସୁଛି ଏବଂ ସରକାରୀ ପ୍ରମାଣପତ୍ର ବିନା ବିଭାଜନ ଭଳି କଷ୍ଟକର ସମୟରେ ଭାରତକୁ ସମର୍ଥନ କରିଛି ।ଏହି ମନ୍ତବ୍ୟର ପ୍ରତିକ୍ରିୟା ଦେଇ, କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟାଙ୍କ ଖାର୍ଗେ ଦାବି କରିଛନ୍ତି ଯେ ଆରଏସଏସ କେଉଁ ଭାରତୀୟ ଆଇନ ଅନୁଯାୟୀ ସମ୍ପତ୍ତିର ମାଲିକ, ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଏବଂ ଦାନ ଗ୍ରହଣ କରେ ତାହା ସ୍ପଷ୍ଟ କରନ୍ତୁ। ସେ ପାଞ୍ଚଟି ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। କେଉଁ ଆଇନ ଅନୁଯାୟୀ ଆରଏସଏସ କାର୍ଯ୍ୟ କରେ ଦେଶବ୍ୟାପୀ ଏହାର ସମ୍ପତ୍ତିର ମାଲିକ କିଏ, କାରଣ ଅଣପଞ୍ଜିକୃତ ସଂଗଠନଗୁଡ଼ିକ ସିଧାସଳଖ ସମ୍ପତ୍ତିର ମାଲିକ ହୋଇପାରିବେ ନାହିଁ କାହା ନାମରେ ଏହାର ଆକାଉଣ୍ଟ ରଖାଯାଇଛି, ଏବଂ ଗୁରୁଦକ୍ଷିଣା ଭଳି ଦାନ କେଉଁଠାରୁ ଗ୍ରହଣ କରାଯାଏ । ଅଡିଟ୍ ହୋଇଥିବା ଆକାଉଣ୍ଟ ଏବଂ ଟିକସ ଦାଖଲ କେଉଁଠାରୁ କରାଯାଏ ? ଖାର୍ଗେ କହିଛନ୍ତି, ଇତିହାସ ଆଇନଗତ ସ୍ୱଚ୍ଛତାକୁ ବଦଳାଇପାରିବ ନାହିଁ। ସେ ଜୋର୍ ଦେଇଛନ୍ତି ଯେ, ବର୍ଦ୍ଧିତ ପ୍ରଭାବ ସହିତ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ବୃଦ୍ଧି ହେବାର ଆବଶ୍ୟକତା ରହିଛି।

# ପୁରୁଣା ଗାଡି ପାଇଁ ଇ୧୦ ପେଟ୍ରୋଲ୍ ଫେରାଇ ଆଣ

## ପ୍ରସ୍ତାବ ଦେଲେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):**ଇଥାନଲ୍ ମିଶା ଇ୨୦ ପେଟ୍ରୋଲ୍‌କୁ ନେଇ ଚାଲିଥିବା ବିତର୍କରେ ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ ସାମିଲ ହୋଇଛନ୍ତି। ପୁରୁଣା ଗାଡି ପାଇଁ ଇ୧୦ ତେଲ ଫେରାଇ ଆଣିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ଗାଡିର କ୍ଷତି ହେଉଛି ବୋଲି ନୁହେଁ, ବରଂ ଇ୨୦କୁ ନେଇ ଲୋକମାନଙ୍କ ମନରେ ରହିଥିବା ଭୟ ଦୂର କରିବା ପାଇଁ ଇ୧୦ ତେଲ ବିକ୍ରି ହେବା ଉଚିତ୍। ଏକ ସମ୍ବାଦପତ୍ର ନିବନ୍ଧରେ ନାଗେଶ୍ୱରନ ଲେଖିଛନ୍ତି ଯେ ଇ୨୦ ପେଟ୍ରୋଲ୍ ପ୍ରଭାବରେ ଇଞ୍ଜିନର କ୍ଷତି ହେଉଥିବା ନେଇ ବହୁ ଅଭିଯୋଗ ଆସୁଛି। ସେହି ଧାରଣା କିନ୍ତୁ ଠିକ୍ ନୁହେଁ। ଇଞ୍ଜିନ ଖରାପ ହେଉଥିବା ନେଇ ଲୋକମାନଙ୍କ ମନରେ ଥିବା ଭୟକୁ ସମର୍ଥନ କରିବା ଭଳି କୌଣସି ପ୍ରମାଣ ନାହିଁ। ପେଟ୍ରୋଲର ଦୁଇ ତୃତୀୟାଂଶ ଶକ୍ତି ଇଥାନଲରେ ରହିଛି। ତେଣୁ ଇ୨୦ ପେଟ୍ରୋଲ ଆପଣଙ୍କୁ ପେଟ୍ରୋଲ ତୁଳନାରେ ଅଳ୍ପ ଦୂର ନେଇପାରେ, କିନ୍ତୁ ତାହା ଦ୍ୱାରା ଗାଡି ଖରାପ ହେବନାହିଁ ବୋଲି ସେ କହିଛନ୍ତି। ପରୋକ୍ଷରେ ସେ ଇ୨୦ ପେଟ୍ରୋଲ୍‌ରେ ମାଇଲେଜ୍ କମୁଥିବାକୁ ସ୍ୱୀକାର କରିଛନ୍ତି। ଏକ ଲିଟର ପେଟ୍ରୋଲ୍‌ରେ ୨୦ ପ୍ରତିଶତ ଇଥାନଲ ରହୁଛି। ତେଣୁ ମାଇଲେଜ୍‌ରେ ହ୍ରାସ ୬ରୁ ୭ ପ୍ରତିଶତ ମଧ୍ୟରେ ରହିବ , ୩୦ ପ୍ରତିଶତ ନୁହେଁ ବୋଲି ନାଗେଶ୍ୱରନ କହିଛନ୍ତି। ପେଟ୍ରୋଲ୍ ପାଇଁ ଇଞ୍ଜିନ କ୍ଷତି ହେଉଥିବାର କୌଣସି ପ୍ରମାଣ ଭାରତ ଓ ଆମେରିକାରେ ହୋଇଥିବା ବ୍ୟାପକ ପରୀକ୍ଷଣରୁ ସାମନାକୁ ଆସିନାହିଁ। ଇ୨୦ରେ ପୁରୁଣା ଗାଡି ପ୍ରତି ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରି ନାଗେଶ୍ୱରନ ଜଣାଇଛନ୍ତି ଯେ ପୁରୁଣା ଗାଡି କାର୍ବୁରେଟରରେ ଚାଲୁଛି। ଇ୨୦ରୁ ଉତ୍ପନ୍ନ ହେଉଥିବା ଅତିରିକ୍ତ ଅମ୍ଳଜାନକୁ ତାହା ଜାଣିପାରିବ ନାହିଁ ଓ ପରିଚାଳନା କରିପାରିବ ନାହିଁ। ସେହିପରି ପୁରୁଣା ଗାଡିର ରବର୍ ସିଲ୍‌ଗୁଡିକ ମଧ୍ୟ ଇଥାନଲ ପାଇଁ ତିଆରି ହୋଇନାହିଁ। ତାହା ଆଉ ଏକ ସମସ୍ୟା। ତେଣୁ ଇଞ୍ଜିନ ଗରମ ଥାଉ ବା ନଥାଉ ସେଗୁଡିକ ପ୍ରଭାବିତ ହେବା ଆଶଙ୍କା ରହିଛି। ସେହି ରବର୍ ସିଲ୍‌କୁ ଅଳ୍ପ ଦାମ୍‌ରେ ବଦଳାଇହେବ। କିନ୍ତୁ ଭାରତରେ ୮ କୋଟିରୁ ଅଧିକ ପୁରୁଣା ଗାଡି ରହିଛି। ଯଦି ରବର୍ ସିଲ୍ ବଦଳାଇବା କାମ ସବୁ ୱାର୍କସପ୍‌ରେ ଆଜିଠାରୁ ଆରମ୍ଭ କରାଯିବ ତେବେ ସେହି କାମ ସରିବାକୁ ଏକ ବର୍ଷ ସମୟ ଲାଗିଯିବ ।ପେଟ୍ରୋଲ ପମ୍ପରେ ଉଭୟ ଇ୨୦ ଓ ଇ୧୦ ପେଟ୍ରୋଲ୍ ବିକ୍ରି ହେଲେ ଗ୍ରାହକମାନଙ୍କ ମନରେ ରହିଥିବା ଭୟ ଦୂର ହୋଇପାରିବ। ପୁରୁଣା ଗାଡିଗୁଡିକରେ ଯନ୍ତ୍ରାଂଶଗୁଡିକ ଇଥାନଲକୁ ସହ୍ୟ କରିବା ପାଇଁ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଇ୧୦ ବିକ୍ରି ଜାରି ରଖାଯାଇପାରିବ ।ଇଥାନଲ ମିଶ୍ରଣକୁ ନେଇ ନାଗେଶ୍ୱରନ ଆଉ ଏକ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ କେତେ ଦୂର ଯିବ ଯଦି ଇ୩୦ ପେଟ୍ରୋଲ ଆସିବ ତେବେ ଭାରତର ଖାଦ୍ୟ ସୁରକ୍ଷା ଓ ତୈଳ ଆବଶ୍ୟକତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା କଷ୍ଟକର ହୋଇପଡିବ। କାରଣ ଇଥାନଲ ପାଇଁ ବିଶେଷ କରି ଆଖୁ, ମକା, ଚାଉଳ ଆଦିକୁ ଫିଡ୍‌ଷ୍ଟକ୍ ଭାବେ ବ୍ୟବହାର କରାଯାଉଛି।




# ରୁଷ-ୟୁକ୍ରେନ୍ ଯୁଦ୍ଧ ନେଲା ଭୟଙ୍କର ମୋଡ଼

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ଋଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଭୀଷଣ ଯୁଦ୍ଧ ଏବେ ଆହୁରି ତୀବ୍ରରୂପ ନେଇଛି । ୟୁକ୍ରେନ ପ୍ରଚଣ୍ଡ ଡ୍ରୋନ୍ ଆକ୍ରମଣ ପରେ ଋଷ ପକ୍ଷରୁ ମଧ୍ୟ ପାଲଟା ଜବାବ ଦିଆଯାଉଛି । ଏହି ଆକ୍ରମଣରେ ଭାରତୀୟ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲଙ୍କ 'ଆର୍ସେଲରମିତ୍ତଲ' କମ୍ପାନୀର ନଷ୍ଟ ହୋଇଛି । ଗତକାଲି ୟୁକ୍ରେନ ପକ୍ଷରୁ ଋଷର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଏହାର ଜବାବରେ ଋଷ ମଧ୍ୟ ୟକ୍ରେନ୍ ଉପରେ ଭୀଷଣ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ବର୍ଷା କରିଛି । ଋଷର ଏହି ପ୍ରତିଆକ୍ରମଣର କେନ୍ଦ୍ରବିନ୍ଦୁ ଥିଲା ୟୁକ୍ରେନର କିଭ । ଏଠାରେ ରହିଥିବା ଭାରତୀୟ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲଙ୍କ 'ଆର୍ସେଲରମିତ୍ତଲ' ଷ୍ଟିଲ୍ କମ୍ପାନୀର ପ୍ଲାଣ୍ଟ ଋଷିଆ ସେନାର ଆକ୍ରମଣର ଶିକାର ହୋଇଛି । ଏହି ଆକ୍ରମଣରେ ପ୍ଲାଣ୍ଟର ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଗୁରୁଭାବରେ କ୍ଷତିଗ୍ରସ୍ତ ହୋଇଛି। କେବଳ ଷ୍ଟିଲ୍ ପ୍ଲାଣ୍ଟ ନୁହେଁ, ରାଜଧାନୀ କିଭ୍ ସମେତ ସୁମୀ ଏବଂ ଜାପୋରିଜିଆ ଅଞ୍ଚଳରେ ମଧ୍ୟ ରୁଷିଆର ମିସାଇଲ୍ ମାଡ଼ ହୋଇଛି। କିଭ୍ ସହରର ଏକ ପ୍ରସିଦ୍ଧ ବୁକ୍ ମାର୍କେଟ୍ ନିକଟରେ ମଧ୍ୟ ଭୀଷଣ ନିଆଁ ଲାଗିଯାଇଥିବା ସୂଚନା ମିଳିଛି । ଏହି ସମଗ୍ର ଆକ୍ରମଣରେ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । । କିଭ୍‌ର ପୋଚାଇନା ଜିଲ୍ଲାରେ ଥିବା ଏକ ପ୍ରସିଦ୍ଧ ବୁକ୍ ମାର୍କେଟ୍ ଉପରେ ରୁଷିଆର ମିସାଇଲ୍ ମାଡ଼ ହୋଇଛି, ଯାହାଫଳରେ ଅନେକ ବହି ପୋଡ଼ି ପାଉଁଶ ହୋଇଯାଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ କହିବାନୁଯାୟୀ, ଗତ ସପ୍ତାହରେ ୧୩ଟି ଅଞ୍ଚଳକୁ ଟାର୍ଗେଟ୍ କରି ହଜାର ହଜାର ବୋମା ଓ ଡ୍ରୋନ୍ ବର୍ଷା କରାଯାଇଛି । ଉଭୟ ଦେଶ ପରସ୍ପର ବିରୋଧରେ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରୁଥିବାର ଅଭିଯୋଗ ଆଣିଥିବାବେଳେ, ଏହି ଭୟଙ୍କର ଯୁଦ୍ଧ ଯୋଗୁଁ ସାଧାରଣ ଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି ।

# ନୀତିନ ନବୀନଙ୍କ ନୂଆ ଟିମ୍: ଫେରିଲେ ବସୁନ୍ଧରା, ରାମ ମାଧବ ଓ ସ୍ମୃତି

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ୨୦୨୭ ଫେବୃଆରି ଓ ମାର୍ଚ୍ଚରେ ୫ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ବିଜେପି ଜାତୀୟ ସଭାପତି ନୀତିନ ନବୀନ ସୋମବାର ତାଙ୍କର ନୂଆ ଟିମ୍ ଘୋଷଣା କରିଛନ୍ତି। ସ୍ମୃତି ଇରାନୀଙ୍କୁ ସାଧାରଣ ସମ୍ପାଦକ ଓ ବସୁନ୍ଧରା ରାଜେଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସାତ ମାସ ପୂର୍ବ ନୀତିନ ନବୀନ ବିଜେପି ଜାତୀୟ ସଭାପତି ହେବା ପରଠାରୁ ତାଙ୍କ ଟିମ୍ ଗଠନ ବିଚାରାଧୀନ ରହିଥିଲା। ନୂଆ ଟିମ୍‌ରେ ସାମିଲ ହୋଇଥିବା ୧୩ ଜଣ ଜାତୀୟ ଉପସଭାପତିଙ୍କ ମଧ୍ୟରୁ ୬ ଜଣ ମହିଳା ଅଛନ୍ତି। ଏହି ନୂଆ ନିଯୁକ୍ତି ଦଳର ମୁଖ୍ୟ ଭୂମିକାରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ଏକ ପ୍ରୟାସକୁ ସୂଚିତ କରୁଛି। ମୁସଲିମ ସମ୍ପ୍ରଦାୟରୁ ଦୁଇଜଣଙ୍କ ବ୍ୟତୀତ ଚାରି ଜଣ ମହିଳା ସମ୍ପାଦକ ଓ ଜଣେ ମହିଳା ସାଧାରଣ ସମ୍ପାଦକ ମଧ୍ୟ ଅଛନ୍ତି। କେନ୍ଦ୍ର ସରକାର ସଂସଦ ଓ ବିଧାନସଭାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ବୃଦ୍ଧି କରିବାକୁ ଚାହୁଁଥିବାରୁ ଏହି ପଦକ୍ଷେପ ନେଇଛି ।ନୂଆ କରି ନିଯୁକ୍ତି ପାଇଥିବା ୧୩ ଜଣ ଜାତୀୟ ଉପସଭାପତିଙ୍କ ମଧ୍ୟରେ ବସୁନ୍ଧରା ରାଜେ (ରାଜସ୍ଥାନ), ତୀରଥ ସିଂହ ରାୱତ (ଉତ୍ତରାଖଣ୍ଡ), ରାମ ମାଧବ (ଦିଲ୍ଲୀ), ବେ ?ଜୟନ୍ତ ଜୟ ପଣ୍ଡା (ଓଡିଶା), ଡି ପୁରନ୍ଦେଶ୍ୱରୀ (ଆନ୍ଧ୍ର ପ୍ରଦେଶ), ରେଖା ବର୍ମା (ଉତ୍ତର ପ୍ରଦେଶ), ବର୍ଷାବେନ୍ ନରେନ୍ଦ୍ର ଭାଇ ଦୋଶୀ (ଗୁଜରାଟ), ଡ. ଭାରତୀ ପ୍ରବୀଣ ପାୱାର (ମହାରାଷ୍ଟ୍ର), ମନପ୍ରୀତ ସିଂହ ବାଦଲ (ପଞ୍ଜାବ), ଲାଲ ସିଂହ ଆର୍ଯ୍ୟ (ମଧ୍ୟ ପ୍ରଦେଶ), ପ୍ରଫେସର ଏମ୍ ନାଗରାଜା (କର୍ଣ୍ଣାଟକ), ପ୍ରଫେସର ତାରିକ ମନସୁର୍ (ଉତ୍ତର ପ୍ରଦେଶ), ଡ. ମଧୁଚନ୍ଦ୍ର କର (ପଶ୍ଚିମବଙ୍ଗ) ଅଛନ୍ତି। ବି.ଏଲ୍ ସନ୍ତୋଷ ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ପଦ ପାଇଛନ୍ତି। ଶିବ ପ୍ରକାଶ ଓ ସେଦାନ ସିଂହ ରାଷ୍ଟ୍ରୀୟ ସଂଯୁକ୍ତ ସଙ୍ଗଠନ ମହାମନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି ।ଅନ୍ୟପକ୍ଷରେ ସ୍ମୃତି ଇରାନୀ (ଉତ୍ତର ପ୍ରଦେଶ), ବିନୋଦ ତାୱଡ଼ (ମହାରାଷ୍ଟ୍ର), ସୁନୀଲ ବଂଶଲ (ଦିଲ୍ଲୀ), ବିପ୍ଳବ କୁମାର ଦେବ (ତ୍ରିପୁରା), ସତୀଶ ପୁନିଆ (ରାଜସ୍ଥାନ), ଗଜେନ୍ଦ୍ର ପଟେଲ (ମଧ୍ୟ ପ୍ରଦେଶ), ହରିଶ ଦ୍ୱିବେଦୀ (ଉତ୍ତର ପ୍ରଦେଶ) ଓ ସଞ୍ଜୟ ଭାଟିଆ (ହରିୟାଣା) ବିଜେପି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି।



# ଛାଡପତ୍ର ବିନା ଦ୍ୱିତୀୟ ବିବାହ କଲେ କଟିବ ଦରମା

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୋମବାର ଏକ ବଡ଼ ଘୋଷଣା କରିଛନ୍ତି । ପ୍ରଥମ ପତ୍ନୀଙ୍କୁ ଆଇନଗତ ଭାବରେ ଛାଡପତ୍ର ନ ଦେଇ ପୁନଃବିବାହ କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡ଼ା ଚେତାବନୀ ଦେଇଛନ୍ତି ଆସାମ ସରକାର। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ ଏହିପରି କରୁଥିବା କର୍ମଚାରୀଙ୍କ ଦରମାର ୨୦ ପ୍ରତିଶତ କାଟି, ପ୍ରଥମ ପତ୍ନୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦିଆଯିବ ।ମୁଖ୍ୟମନ୍ତ୍ରୀଙ୍କ ଅନୁଯାୟୀ, ଯଦି ପ୍ରଥମ ପତ୍ନୀ ସରକାରଙ୍କ ନିକଟରେ ଆବେଦନ କରନ୍ତି ତେବେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇପାରିବ। ଏହାସହ ଯେପର୍ଯ୍ୟନ୍ତ ଛାଡପତ୍ରର ମାମଲା କୋର୍ଟରେ ବିଚାରାଧୀନ ଥିବା ସେ ପର୍ଯ୍ୟନ୍ତ ଏହି ଦରମା କାଟ ଜାରି ରହିପାରିବ। ସରକାରଙ୍କ ଲକ୍ଷ୍ୟ ହେଉଛି ଛାଡପତ୍ର ପ୍ରକ୍ରିୟା ସମାପ୍ତ ନହେବା ପର୍ଯ୍ୟନ୍ତ ପ୍ରଥମ ପତ୍ନୀ ଆର୍ଥିକ ସହାୟତାରୁ ବଞ୍ଚିତ ନ ହୁଅନ୍ତୁ ।ସରକାରଙ୍କ ଏହି ଘୋଷଣାର କାରଣ: ଆସାମରେ କର୍ମଚାରୀମାନେ ସେମାନଙ୍କ ପତ୍ନୀଙ୍କୁ ଛାଡି ଅନୌପଚାରିକ ବିବାହ କରିଥିବା ଅଭିଯୋଗ ଆସିଥିବା ଅନେକ ଘଟଣାର ରିପୋର୍ଟ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସର୍ମା ଜୋର ଦେଇ କହିଛନ୍ତି ଯେ ନିୟମ ଉଲ୍ଲଂଘନ କରୁଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ଆଇନଗତ ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ।ତେବେ ଆସାମରେ ବହୁବିବାହ ନିଷିଦ୍ଧ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସୂଚିତ କରିଛନ୍ତି ଯେ ସରକାର ଘରୋଇ କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କୁ ଏପରି ସୁରକ୍ଷା ପ୍ରଦାନ କରିବାକୁ ବିଚାର କରୁଛନ୍ତି। ଆସାମ ସରକାରଙ୍କ ଏହି ପ୍ରସ୍ତାବକୁ ନେଇ ସାରା ଦେଶରେ ଏବେ ଚର୍ଚ୍ଚା ଜୋର ଧରିଛି।

# ରାଞ୍ଚିର ଛାତ୍ର ଆନ୍ଦୋଳନ ସମ୍ପର୍କରେ ହେମନ୍ତ ସୋରେନଙ୍କୁ ଚିଠି ଲେଖିଲେ ରାହୁଲ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରାଞ୍ଚିରେ ଛାତ୍ର ପ୍ରତିବାଦ ସମ୍ପର୍କରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଚିଠି ଲେଖିଛନ୍ତି । ସେ ପରାମର୍ଶ ଦେଇଛନ୍ତି ଯେ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କ ସହିତ ସାକ୍ଷାତ କରି ଝାଡ଼ଖଣ୍ଡ ସରକାରଙ୍କ ସମସ୍ୟାର ସମାଧାନ କରନ୍ତୁ। କଂଗ୍ରେସ ଦଳ ବିଶ୍ୱାସ କରେ ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ଗଣତନ୍ତ୍ରର ମୂଳ ସ୍ତମ୍ଭ ମଧ୍ୟରୁ ଗୋଟିଏ ।ଝାଡ଼ଖଣ୍ଡର ଛାତ୍ରମାନେ ରାଜ୍ୟ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ପ୍ରତିବାଦ କରୁଛନ୍ତି ।ସେମାନଙ୍କର ପ୍ରତିବାଦ ଶାନ୍ତିପୂର୍ଣ୍ଣ ଏବଂ ସେମାନଙ୍କର ଦାବି ଯଥାର୍ଥ। କିଛି ଛାତ୍ର ଅନଶନରେ ଅଛନ୍ତି। ଆପଣ ପ୍ରତିବାଦ କରୁଥିବା ଛାତ୍ରଙ୍କ ପ୍ରତିନିଧିମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ସାକ୍ଷାତ କରନ୍ତୁ। ଦୟାକରି ପ୍ରତିବାଦ କରୁଥିବା ଛାତ୍ରମାନଙ୍କ କଥା ଶୁଣିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ଏବଂ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।ଗତ କିଛି ମାସ ଧରି, ଆମେ ପେପର ଲିକ୍ ଏବଂ ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ବିରୋଧରେ ପ୍ରତିବାଦ କରୁଥିବା ଛାତ୍ରମାନଙ୍କୁ ଆମର ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛୁ। ଆମେ ଏହା ମଧ୍ୟ ବିଶ୍ୱାସ କରୁ ଯେ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ଆରଏସଏସ ଏବଂ ବିଜେପି ଦ୍ୱାରା ଅପହରଣ କରାଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ଶୋଷଣ ଏବଂ ଅତ୍ୟାଚାରର ଏକ ଉପକରଣରେ ପରିଣତ କରାଯାଇଛି। ଏହା ଦଶନ୍ଧି ପୂର୍ବର ବ୍ୟବସ୍ଥା ନୁହେଁ ।ଆପଣ ଗଠନ କରିଥିବା ଏକ କମିଟି ମାଧ୍ୟମରେ ଝାଡ଼ଖଣ୍ଡ ସରକାର ସେମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ବିଶ୍ୱାସ କରେ ଯେ ଛାତ୍ରଙ୍କ ଅନେକ ଦାବି ଉପରେ ସହମତି ହୋଇଛି। ତଥାପି, ପ୍ରତିବାଦ ଜାରି ରହିଛି ଏବଂ କିଛି ଛାତ୍ର ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି ।ଭାରତର ଯୁବପିଢ଼ି ଦେଶର ଭବିଷ୍ୟତ। ଏହି ସଙ୍କଟ ସମୟରେ ଆମକୁ ସେମାନଙ୍କ ସହିତ ଏକତା ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ସମର୍ଥନ କରିବା ଉଚିତ୍।

# ସୋନିଆଙ୍କ ପାପକୁ ଦେଶବାସୀ କ୍ଷମା କରିବେନି : ଅମିତ ଶାହ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):** ନୂଆଦିଲ୍ଲୀ ସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ସମୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନକୁ ମଝିରୁ ବନ୍ଦ କରିବା ପାଇଁ ହୋଇଥିବା ପ୍ରୟାସକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ଉପରେ କଡ଼ା ପ୍ରହାର କରିଛନ୍ତି। ଚିତ୍ତୋରଗଡ଼ଠାରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ସେ କଂଗ୍ରେସର ଏଭଳି ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ନିର୍ଲଜତା ବୋଲି ଅଭିହିତ କରିବା ସହ ଏହି ପାପ ପାଇଁ ଦେଶର ଜନସାଧାରଣ କଂଗ୍ରେସକୁ କେବେହେଲେ କ୍ଷମା କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।ଉଲ୍ଲେଖଯୋଗ୍ୟ, ସ୍ୱାଧୀନତା ଦିବସ ଉତ୍ସବରେ ଜାତୀୟ ଗୀତ ଗାନ ଚାଲିଥିବା ବେଳେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଦଳର ସଭାପତିଙ୍କୁ ଏହାକୁ ଅଧାରୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ଦୃଶ୍ୟ ଟିଭି ମାଧ୍ୟମରେ ସାରା ଦେଶ ଦେଖିଛି ବୋଲି ଶାହ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ସୋନିଆ ଗାନ୍ଧୀଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ ଦେଶର ୧୪୦ କୋଟି ଲୋକ ଏହି ଆଚରଣକୁ ଦେଖୁଛନ୍ତି ଏବଂ ଜାତୀୟ ଗୀତକୁ ଅସମ୍ପୂର୍ଣ୍ଣ ଛାଡ଼ିବା କଥା କେହି ସ୍ୱପ୍ନରେ ସୁଦ୍ଧା ଭାବି ପାରିବେ ନାହିଁ, ଯାହା ପାଇଁ କଂଗ୍ରେସ ନେତାମାନେ ଲଜ୍ଜିତ ହେବା ଉଚିତ।'ବନ୍ଦେ ମାତରମ୍' ବିବାଦ; ଦେଶବାସୀ ଓ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ପାଖରେ କଂଗ୍ରେସ କ୍ଷମା ମାଗୁଗୃହମନ୍ତ୍ରୀ ଶାହ କଂଗ୍ରେସ ଦଳକୁ ଏହି ପ୍ରସଙ୍ଗରେ ଦେଶବାସୀଙ୍କ ନିକଟରେ ଏବଂ 'ବନ୍ଦେ ମାତରମ୍'ର ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଅମର ଆତ୍ମା ନିକଟରେ ହାତ ଯୋଡ଼ି ସ୍ପଷ୍ଟ ଭାବେ କ୍ଷମା ମାଗିବାକୁ ଦାବି କରିଛନ୍ତି। ତେବେ ଏହି ସମସ୍ତ ଅଭିଯୋଗକୁ କଂଗ୍ରେସ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇଛି। ଦଳ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ, ସୋନିଆ ଗାନ୍ଧୀ ଙ୍କ ଆଚରଣ ସହ ଜାତୀୟ ଗୀତ ବନ୍ଦ କରିବାର କୌଣସି ସମ୍ପର୍କ ନାହିଁ, ବରଂ ସେ ଉତ୍ସବରେ ସଙ୍ଗୀତ ଗାନ ପାଇଁ ସଠିକ୍ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଥିଲେ।



# ଆର୍ଥିକ ଏବଂ ବ୍ୟକ୍ତିଗତ କାରଣରୁ ମୁଁ ଇସ୍ତଫା ଦେଉଛି

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):**ଆର୍ଥିକ ଏବଂ ବ୍ୟକ୍ତିଗତ ପରିସ୍ଥିତିକୁ ଦର୍ଶାଇ ବିଜେପିର ଜାତୀୟ ମୁଖପାତ୍ର ଶେହଜାଦ ପୁନାୱାଲା ଦଳ ଛାଡିଛନ୍ତି। ଟିଭି ବିତର୍କରେ ଶାସକ ଦଳର ସବୁଠାରୁ ଅଧିକ ଦୃଷ୍ଟିଗୋଚର ହେଉଥିବା ଚେହେରା ମଧ୍ୟରୁ ଜଣେ ପୁନାୱାଲା କହିଛନ୍ତି ଯେ, ସେ ପ୍ରଥମେ ଜୁଲାଇ ୩୦ ରେ ତାଙ୍କର ଇସ୍ତଫା ପତ୍ର ପଠାଇଥିଲେ, କିନ୍ତୁ ଦଳ ଏହାକୁ ଗ୍ରହଣ କରିନଥିଲା ଏବଂ ନିଷ୍ପତ୍ତିର ପୁନର୍ବିଚାର କରିବାକୁ କହିଥିଲା। କିନ୍ତୁ ଦୀର୍ଘ ଦିନ ଚିନ୍ତା କରିବା ପରେ, ମୁଁ ଏକ ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିଛି ଯେ ମୋତେ ଜାତୀୟ ମୁଖପାତ୍ର ଏବଂ ବିଜେପିର ସକ୍ରିୟ ପ୍ରାଥମିକ ସଦସ୍ୟତାରୁ ମୁକ୍ତ କରାଯାଉ । ଗତ କିଛି ଦିନର ଘଟଣାବଳୀ, କିଛି ବ୍ୟକ୍ତି ବିଶେଷଙ୍କ ସୌଜନ୍ୟରୁ, ଯାହାଙ୍କ ବିଷୟରେ ମୁଁ ଆପଣଙ୍କୁ ବିସ୍ତୃତ ଭାବରେ କହିଛି, ମୋତେ ମୋର ପୂର୍ବ ନିଷ୍ପତ୍ତିକୁ ଦୃଢ଼ କରିବାକୁ ଏବଂ ସମର୍ଥନ କରିବାକୁ ବାଧ୍ୟ କରିଛି। ତେବେ ସେ କାହାର ନାମ ନେଇ ନାହାନ୍ତି। ପୁନାୱାଲା ସୋସିଆଲ ମିଡିଆ ଏକ୍ସରେ ବିଜେପି ସଭାପତିଙ୍କ ନିକଟକୁ ପଠାଇଥିବା ତାଙ୍କର ଇସ୍ତଫା ପତ୍ର ସେୟାର କରି କହିଛନ୍ତି, ଅତ୍ୟନ୍ତ ନମ୍ରତା, ସ୍ନେହ ଏବଂ କୃତଜ୍ଞତାର ସହିତ, ମୁଁ ପୁଣି ଥରେ ବିଜେପି ଏବଂ ନୀତିନ ନବୀନଙ୍କ ନିକଟରେ ମୋର ଇସ୍ତଫା ପ୍ରଦାନ କରୁଛି ଏବଂ ଏହାକୁ ଗ୍ରହଣ କରିବାକୁ ଅନୁରୋଧ କରୁଛି ।ସେ କହିଛନ୍ତି, ବିଜେପି ଏବଂ ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ନୀତିନ ନବୀନ, ଅମିତ ଶାହ, ବିଏଲ ସନ୍ତୋଷ, ଜେପି ନଡ୍ଡା, ରାଜନାଥ ସିଂହ, ନୀତିନ ଗଡକରୀ ଏବଂ ଆମର ସମସ୍ତ ବରିଷ୍ଠ ନେତା ଏବଂ ସମଗ୍ର ସଂଘ ପରିବାର ମୋତେ ଯେଉଁ ମାର୍ଗଦର୍ଶନ, ପ୍ରେମ, ସମ୍ମାନ ଏବଂ ମଞ୍ଚ ଦେଇଛନ୍ତି ଏବଂ ମୋ ଉପରେ ସେମାନଙ୍କର ବିଶ୍ୱାସ ରଖିଛନ୍ତି, ସେଥିପାଇଁ ମୁଁ ସର୍ବଦା କୃତଜ୍ଞ ରହିବିପାସମାନ୍ଦା ମୁସଲିମ ସମ୍ପ୍ରଦାୟ ବିଷୟରେ ଉଲ୍ଲେଖ କରି ପୁନାୱାଲା କହିଛନ୍ତି, ମୋ ପରି କାହାଣୀ, ଜଣେ ଯୁବ ପାସମାନ୍ଦା ମୁସଲିମ ଯାହାଙ୍କ ରାଜନୈତିକ ପାରିବାରିକ ପୃଷ୍ଠଭୂମି ନାହିଁ, ଅନ୍ୟ କୌଣସି ଦେଶ କିମ୍ବା ଅନ୍ୟ କୌଣସି ଦଳରେ ସମ୍ଭବ ହୋଇପାରି ନଥାନ୍ତା। ପୁନାୱାଲା ଜୁଲାଇ ଶେଷ ଭାଗରେ ଏକ୍ସ ହ୍ୟାଣ୍ଡେଲରେ ତାଙ୍କର ବାୟୋ ପରିବର୍ତ୍ତନ କରି ବିଜେପି ଜାତୀୟ ମୁଖପାତ୍ର ହଟାଇ ଦେଇଥିଲେ କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନବ୍ୟାପୀ ଅନୁଗାମୀକୁ ବଜାୟ ରଖିଥିଲେ ।ପେଶାରେ ଜଣେ ଆଇନଜୀବୀ ଥିବା ଶେହଜାଦ ପୁନାୱାଲା କଂଗ୍ରେସରୁ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ । ୨୦୧୭ ମସିହାରେ ସେ କଂଗ୍ରେସର ଆଭ୍ୟନ୍ତରୀଣ ନିର୍ବାଚନ ପ୍ରକ୍ରିୟାକୁ ସାର୍ବଜନୀନ ଭାବରେ ଚ୍ୟାଲେଞ୍ଜ କରି ଚର୍ଚ୍ଚାକୁ ଆସିଥିଲେ।



# ହାତୀ ଚଳାପଥ ବନ୍ଦ କରିବା ସମାଧାନ ନୁହେଁ: ନୂଆ ସର୍ଭେ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):**ହାତୀଙ୍କ ସ୍ୱାଭାବିକ ଯାତାୟାତ ପଥ ବା ହାତୀ କରିଡରରେ କୌଣସି ପ୍ରକାରର ବାଧା ସୃଷ୍ଟି କରାଯାଇପାରିବନି । ହାତୀ ଫସଲ ନଷ୍ଟ କରୁଥିବା ଦର୍ଶାଇ ସେମାନଙ୍କ ଯିବାଆସିବା ବାଟକୁ ଅବରୋଧ କରିବାକୁ ରାଜ୍ୟ ସରକାରମାନେ ଅନୁମତି ଦେଇପାରିବେନି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ହାତୀ ପଲ ଦୀର୍ଘ ଦୂରତା ଅତିକ୍ରମ କରନ୍ତି ଏବଂ ଏହା ସେମାନଙ୍କ ସ୍ୱାଭାବିକ ଆଚରଣ । ତେଣୁ ବନ୍ୟପ୍ରାଣୀଙ୍କ ଗତିବିଧିରେ କୌଣସି ବାଧା ରହିବା ଉଚିତ୍ ନୁହେଁ ।

ଏହାସହ ଦେଶର ବିଭିନ୍ନ ରାଜ୍ୟରେ ହାତୀ କରିଡରର ନୂଆ ସର୍ଭେ କରିବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କରିଡରଗୁଡ଼ିକରେ କେଉଁଠି କେଉଁ ପ୍ରତିବନ୍ଧକ ରହିଛି ଏବଂ ହାତୀଙ୍କ ନିରବିଚ୍ଛିନ୍ନ ଗତିବିଧି ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।ହାତୀ ଘଉଡ଼ାଇବା ବେଳେ ଗୁଳିଚାଳନା କିମ୍ବା ଅନ୍ୟ କଠୋର ପଦ୍ଧତି ବ୍ୟବହାର ହେଉଥିବା ସ୍ଥାନ ସମ୍ପର୍କରେ ମଧ୍ୟ ତଥ୍ୟ ଦେବାକୁ କୋର୍ଟ କହିଛନ୍ତି । ଭିଡ଼ କରି ହାତୀଙ୍କୁ ଘଉଡ଼ାଇବା, ବାଜା ବଜାଇବା କିମ୍ବା ନିଆଁ ହୁଳା ଧରିବା ଭଳି ପଦ୍ଧତି ଉପରେ ନିୟନ୍ତ୍ରଣ ଆବଶ୍ୟକ ବୋଲି ଆଇନଜୀବୀମାନେ ଯୁକ୍ତି ରଖିଥିଲେ । ଏନେଇ ଆବଶ୍ୟକ ପଦକ୍ଷେପ ନେଇ କୋର୍ଟକୁ ଅବଗତ କରାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

# ଗାଜାରେ ପ୍ରତି ରାତିରେ ୩୦-୪୦ ଜଣଙ୍କୁ ହତ୍ୟା କରାଯିବା ଉଚିତ

**ନୂଆଦିଲ୍ଲୀ,୧୭।୮(ଏଜେନ୍ସି):**ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମେଣ୍ଟର କଠୋରପନ୍ଥୀ ଇସ୍ରାଏଲୀ ସାଂସଦ ଖୋଲାଖୋଲି ଭାବରେ ଗାଜାରେ ପ୍ରତିଦିନ ରାତିରେ ୩୦ ରୁ ୪୦ ଜଣଙ୍କୁ ହତ୍ୟା କରିବାକୁ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଜାତୀୟ ସୁରକ୍ଷା ମନ୍ତ୍ରୀ ଇଟାମାର ବେନ୍-ଗ୍ୱିର୍ ବ୍ରାସ୍ଲାଭସ୍କି ପୋଡକାଷ୍ଟରେ ପୂର୍ବତନ ଗାଜା ବନ୍ଧକ ରୋମ୍ ବ୍ରାସ୍ଲାଭସ୍କିଙ୍କ ସହ କଥାବାର୍ତ୍ତା ସମୟରେ ଏଭଳି ବିବୃତି ଦେଇଛନ୍ତି । ଉଭୟ ୭ ଅକ୍ଟୋବର ୨୦୨୩ରେ ହୋଇଥିବା ହମାସ ଆକ୍ରମଣ ବିଷୟରେ ଆଲୋଚନା କରୁଥିଲେ। ବେନ୍-ଗ୍ୱିର୍ ଗାଜାରେ ଇସ୍ରାଏଲର ସମ୍ପ୍ରତି ଆକ୍ରମଣ କମାଇବାକୁ ସମାଲୋଚନା କରିଥିଲେ। ସେ କହିଛନ୍ତି, ମୁଁ ପ୍ରଧାନମନ୍ତ୍ରୀଙ୍କ ସହ ସହମତ ନୁହେଁ। ମୁଁ ଭାବୁଛି ଗାଜାରେ ଟାର୍ଗେଟ ହତ୍ୟା କରାଯିବା ଉଚିତ୍। ପ୍ରତି ରାତିରେ ଲୋକଙ୍କୁ ହତ୍ୟା କରାଯିବା ଉଚିତ୍ ।ପୂର୍ବରୁ, ବେନ୍-ଗଭିର୍ ଏବଂ ଅନ୍ୟାନ୍ୟ ଇସ୍ରାଏଲୀ ଅଧିକାରୀମାନେ ସମାନ ମନ୍ତବ୍ୟ ପାଇଁ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ଏହି ମନ୍ତବ୍ୟଗୁଡ଼ିକ ମଧ୍ୟରୁ ଅନେକକୁ ଜାତିସଂଘ ବିଶ୍ୱ ଅଦାଲତରେ ନରସଂହାର ଉଦ୍ଦେଶ୍ୟର ପ୍ରମାଣ ଭାବରେ ଉପସ୍ଥାପିତ କରାଯାଇଛି । ତେବେ ଇସ୍ରାଏଲ ଗାଜାରେ ନରସଂହାର କରିବାକୁ ଅସ୍ୱୀକାର କରୁଛି।୨୦୨୩ ମସିହାରେ ହମାସର ନିଷ୍ଠୁର ଆକ୍ରମଣ ପରେ ଇସ୍ରାଏଲୀମାନଙ୍କ ମଧ୍ୟରେ ବେନ୍-ଗ୍ୱିର୍‌ଙ୍କ ଭଳି ଲୋକମାନେ ଅଧିକ ଲୋକପ୍ରିୟ ହୋଇଛନ୍ତି। ହମାସ ଆକ୍ରମଣରେ ପ୍ରାୟ ୧୨୦୦ ଲୋକ ପ୍ରାଣ ହରାଇଥିଲେ ଏବଂ ୨୫୧ ଜଣଙ୍କୁ ବନ୍ଧକ କରାଯାଇଥିଲା ।ବେନ୍-ଗ୍ୱିର୍ ଦେଶର ସାମରିକ ବାହିନୀକୁ ନିୟନ୍ତ୍ରଣ କରନ୍ତି ନାହିଁ ଏବଂ ଗାଜା ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ, କିନ୍ତୁ ଇସ୍ରାଏଲର ଅତି ଦକ୍ଷିଣପନ୍ଥୀ ମଧ୍ୟରେ ଦଶନ୍ଧି ଧରି କାମ କରିବା ପରେ, ସେ ବର୍ତ୍ତମାନ ଦେଶର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ଇସ୍ରାଏଲର ସୁରକ୍ଷା ବ୍ୟବସ୍ଥାର ପ୍ରମୁଖ ଅଂଶ, ଦେଶର ଜେଲ୍ ଏବଂ ଜାତୀୟ ପୁଲିସ ବାହିନୀ ପରିଚାଳନା ଉପରେ ତାଙ୍କର ଯଥେଷ୍ଟ ନିୟନ୍ତ୍ରଣ ଅଛି ।ସେ ପୂର୍ବରୁ ପାଲେଷ୍ଟାଇନୀ କଏଦୀମାନଙ୍କ ପାଇଁ ଖାଦ୍ୟ ରାସନ୍ ହ୍ରାସ କରିବାକୁ ଆହ୍ୱାନ କରିଥିଲେ। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ,ଇସ୍ରାଏଲ ପ୍ରାୟ ପ୍ରତିଦିନ ଗାଜା ଉପରେ ଆକ୍ରମଣ କରୁଛି। ଅକ୍ଟୋବରରେ ଯୁଦ୍ଧବିରାମ ଚୁକ୍ତି କାର୍ଯ୍ୟକାରୀ ହେବା ପରଠାରୁ ଏହି ଆକ୍ରମଣରେ ୧,୨୫୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି।



ମନ୍ଥନ
dishamanthan.com RNI No. ORIORI/20

## ରୁଗୁଡିପଡା ଦୁର୍ଗା ପୂଜା ଟ୍ରଷ୍ଟର ବାର୍ଷିକ ସାଧାରଣ ପରିଷଦ ବୈଠକ

ବଲାଙ୍ଗିର: ରୁଗୁଡିପଡା ଦୁର୍ଗା ପୂଜା ଟ୍ରଷ୍ଟର ୪୯ତମ ବାର୍ଷିକ ସାଧାରଣ ପରିଷଦ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଟ୍ରଷ୍ଟର ନୂତନ କର୍ମକର୍ତ୍ତା ଚୟନ, ଆୟ-ବ୍ୟୟର ହିସାବ ଉପସ୍ଥାପନ ସହ ଚଳିତ ବର୍ଷର ଦୁର୍ଗା ପୂଜା ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଆଗାମୀ ତିନି ବର୍ଷ ପାଇଁ ସର୍ବସମ୍ମତିକ୍ରମେ ଶ୍ରୀ ଚେତନାନନ୍ଦ ପଣ୍ଡାଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ହରିନାରାୟଣ ପୂଜାରୀ ସମ୍ପାଦକ, ପ୍ରଦୀପ ପଟ୍ଟନାୟକ ଓ ଦେବାଶିଷ ମହାକୁର ଉପସଭାପତି, ସଞ୍ଜୀବ ଶତପଥୀ ସାଙ୍ଗଠନିକ ସମ୍ପାଦକ ଭାବେ ଚୟନ ହୋଇଛନ୍ତି । ସେହିପରି ବିଜୟାନନ୍ଦ ବାଗ ଓ ଦେବବ୍ରତ ବର୍ଗଙ୍କୁ ସହ-ସମ୍ପାଦକ ଏବଂ ଅଜୟ କୁମାର ରଥଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି । କାର୍ଯ୍ୟକାରୀ ସଦସ୍ୟ ଭାବେ ଲକ୍ଷ୍ମୀ ମହାରଣା, ଅଶୋକ କୁମାର ମହାନ୍ତି, ଭାଗିରଥି



ମହାକୁର, ପ୍ରଦ୍ୟୁମ୍ନ ପୁରୋହିତ, ସଞ୍ଜୟ କୁମାର ପୂଜାରୀ, ହିମାଂଶୁଶେଖର ପାଢ଼ୀ, ଅରୁଣ କୁମାର ନାଏକ, ବିଷ୍ଣୁଦତ୍ତ ହୋତା, ନୟନ ମହାନ୍ତି, ଶିବାନନ୍ଦ ବାଗ, ଶ୍ରୀକାନ୍ତ ରାଉତ, ଚନ୍ଦ୍ରଚୂଡ଼ ପଣ୍ଡା, ସୁଧୀର ନନ୍ଦ, ଜୀବନ ବାଙ୍କ, ସନ୍ତୋଷ ପଣ୍ଡା, ବିଭୁତିଭୂଷଣ ମିଶ୍ର, ତାପସ ମହାନ୍ତି, ପାଞ୍ଚଜନ୍ୟ ପଣ୍ଡା, ଅମିତ ମହାନ୍ତି ଓ ଜିତୁ ଦାଶଙ୍କ ସମେତ ଜୟକିଷନ ପଟ୍ଟନାୟକ ନୂତନ ଭାବେ ଚୟନ ହୋଇଛନ୍ତି । ବୈଠକରେ ରାସନ ଦୀପ, ପ୍ରମୋଦ ନନ୍ଦ, ସୋମନାଥ ଆଚାର୍ଯ୍ୟ, କୁଳଦୀପ ପଣ୍ଡା, ନିହାର ପଟ୍ଟନାୟକ, ଜଗପତି ନାଏକ, ଦୀପକ ବାଗ, ଅଜିତ ମହାରଣା, ଅଭିମନ୍ୟୁ ବର୍ଗ, ବିଶ୍ୱରଞ୍ଜନ ସିଂହ, ଗଣେଶ ସେଠ, ଦିଲୀପ ବାଗ, ଡମ୍ବରୁଧର ପଶାୟତ, ଯୋଗେନ୍ଦ୍ର ନିଆଲ, ଘନଶ୍ୟାମ ଭ୍ୟାସ, ତପନ ସେଠ, ହୃଷୀକେଶ ପଟ୍ଟନାୟକ, ଜନ୍ମେଜୟ ଚନ୍ଦନ, ଆକାଶ ପଧାନ, କାଳିଆ ସେଠ, ଅଭିଷେକ ଚନ୍ଦନ, ଗୋଲକ ସିଂହଦେଓ, ମଧୁସୂଦନ ଦାନୀ, ଜଗବନ୍ଧୁ ନାୟକ, ପ୍ରକାଶ ଭ୍ୟାସ, ପଞ୍ଚାନନ ବରିହା, ସୁଦାମ ଦାଶ ଓ ବିଷ୍ଣୁପ୍ରସାଦ ଜାଲଙ୍କ ସମେତ ଟ୍ରଷ୍ଟର ଅନ୍ୟାନ୍ୟ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗୀର,୧୭।୦୮: ବଲାଙ୍ଗୀର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ପୁଇଁତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣି ଶିବିରରେ ଜିଲ୍ଲାପାଳ ଗୌରଭ୍ ଶିଭାଜୀ ଇସଲଭ୍ଵାର



ଉପସ୍ଥିତ ରହି ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୨୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା; ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୨୪ଟି ଏବଂ ସାମୂହିକ ସମସ୍ୟା ସମ୍ବନ୍ଧୀୟ ୦୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୦୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି । ଶିବିରରେ ଉପସ୍ଥିତ ସମସ୍ତ ବିଭାଗର ଅଧିକାରୀମାନେ ଦାଖଲ ହୋଇଥିବା ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ।

ବିଭିନ୍ନ ଗ୍ରାମରୁ ଆସିଥିବା ଲୋକମାନେ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିବା ବେଳେ, ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନୀ ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପୁଇଁତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ନବରଙ୍ଗପୁର, ଗତ କିଛି ଦିନ ତଳେ କଂଗ୍ରେସ ଦଳର ସର୍ବମାନ୍ୟ ନେତା ତଥା ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ସଭାପତି ଶ୍ରୀ ମଲିକାର୍ଜୁନ ଖଡଗେ ଉତ୍ତରାଖଣ୍ଡ ରାଜ୍ୟର ହଲ୍ ଦ୍ୱାନି ନାମକ ସ୍ଥାନରେ ଏକ ସଭାରେ ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ରହି ସଭା କାର୍ଯ୍ୟ ସମାପନ କରିଥିଲେ ।ସଭା କାର୍ଯ୍ୟ ସରିବାର କିଛି ସମୟ ପରେ ସେଠାରେ ଉପସ୍ଥିତ ଥିବା ବିଜେପି ଓ ଆରଏସଏସ



କାର୍ଯ୍ୟକର୍ତ୍ତା ମାନେ ସେହି ସ୍ଥାନ ଅପବିତ୍ର ହୋଇ ଥିବା କହି ଗଙ୍ଗା ଜଳ ସିଞ୍ଚନ କରି ପବିତ୍ର କରିଥିବା କହିଥିଲେ,କାରଣ ମଲିକାର୍ଜୁନ ଖଡଗେ ଜଣେ ହରିଜନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ପବିତ୍ର ସଂସଦ ର ବରିଷ୍ଠ ସଦସ୍ୟ ଓ ଜଣେ ଆଦର୍ଶ ଲୋକ ପ୍ରତିନିଧି ।ବିଜେପି ଓ ଆରଏସଏସ କର୍ମକର୍ତ୍ତା ଙ୍କ ନିଚ ମାନସିକତା କୁ ଦୃଢ଼ ବିରୋଧ କରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଙ୍କ ନିର୍ଦ୍ଦେ?ଶ କ୍ରମେ ଆଜି ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ସଭାନେତ୍ରୀ ସୁଶ୍ରୀ ଲିପିକା ମାଝୀ ଙ୍କ ନେତୃତ୍ୱରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରା ଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲାରୁ ବହୁ କଂଗ୍ରେସ କର୍ମୀ ଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ମୁନା ତ୍ରିପାଠୀ,ବରିଷ୍ଠ ନେତା ବୃନ୍ଦାବନ ତ୍ରିପାଠୀ, ଅନାମ ଦିଆନ୍,ଗଣେଶ ପଟ୍ଟନାୟକ,ଦେବକାନ୍ତ ପଣ୍ଡା, ତୁଫାନ ଷଡ଼ଙ୍ଗୀ,ସୂରଜ ଲାଲ୍,ବହୁ ମହିଳା କଂଗ୍ରେସ କର୍ମକର୍ତ୍ତା,ସାଇବାନ କର୍କରା,ସବିର ସୁନା,ଅସିତ୍ ବେନିଆ,ବିରେନ୍ଦ୍ର ହିଆଲ୍, ରାହୁଲ କୁଶ,ତୁଫାନ୍ ନାଗ,ଦିବ୍ୟଦାନ ସୁନା ପ୍ରମୁଖ ଙ୍କ ସହ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜାତୀୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ପ୍ରତ୍ୟୁଷଙ୍କ ବ୍ରୋଞ୍ଜ ପଦକ ହାସଲ

ବ୍ରହ୍ମପୁର,୧୭।୮ ଚଳିତ ମାସ ୭ ଅଗଷ୍ଟରୁ ୧୧ ଅଗଷ୍ଟ ପର୍ଯ୍ୟନ୍ତ ବେଙ୍ଗାଲୁରୁରେ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ଜାତୀୟ ସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ତାଇକୋଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁରରେ ଯୁବ ତାଇକୋଣ୍ଡୋ କ୍ରୀଡ଼ାବିତ୍ ପ୍ରତ୍ୟୁଷ ପାତ୍ର ଅଂଶଗ୍ରହଣ କରି ଅଦ୍ଭୁତ ଖେଳ ପ୍ରଦର୍ଶନ ଦେଖାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏନେଇ ଆଜି ଟିଏବି ବ୍ରହ୍ମପୁର କାର୍ଯ୍ୟାଳୟ ପରିସରରେ ବ୍ରହ୍ମପୁର ପାଇଁ ଗୌରବ ଆଣି ଥିବା ପ୍ରତ୍ୟୁଷଙ୍କୁ ସଂଘ ପକ୍ଷରୁ ଅଭିନନ୍ଦନ ତଥା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ତାଇକୋଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁର ସମ୍ପାଦକ ଇଞ୍ଜିନିୟର ସତ୍ୟ ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି ଯେ, ବ୍ରହ୍ମପୁର ବାସିନ୍ଦା ମହେଶ କୁମାର ପାତ୍ରଙ୍କ ସୁପୁତ୍ର ପ୍ରତ୍ୟୁଷ ୧୪ ବର୍ଷରୁ କମ୍ ବୟସ ବର୍ଗର ୩୩ କି.ଗ୍ରା.ରୁ କମ୍ ଓଜନ ବର୍ଗରେ ଅଂଶଗ୍ରହଣ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ପ୍ରତ୍ୟୁଷଙ୍କୁ ଏହି ଜାତୀୟ ସ୍ତରୀୟ ସଫଳତା ପାଇଁ ରିଜିଓନାଲ୍ ବୋର୍ଡ ପକ୍ଷରୁ ୫



ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି କହିଥିଲେ । ପ୍ରତିଯୋଗିତା ଶେଷ କରି ପ୍ରତ୍ୟୁଷ ୧୪ ଅଗଷ୍ଟ ୨୦୨୬ରେ ବେଙ୍ଗାଲୁରୁରୁ ବ୍ରହ୍ମପୁରରେ ପହଞ୍ଚି ଥିଲେ, ଏନେଇ ତାଙ୍କ ବ୍ରହ୍ମପୁର ଫେରିବା ଅବସରରେ ତାଙ୍କ ପରିବାର ବର୍ଗ, ବିଦ୍ୟାଳୟର ପ୍ରତିନିଧି ଓ ଶୁଭେଚ୍ଛୁ ମାନେ ତାଙ୍କୁ ଉତ୍ସାହର ସହ ସ୍ୱାଗତ କରିଥିଲେ । ଶ୍ରୀମାନ ପ୍ରତ୍ୟୁଷଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇବା ସହ ତାଙ୍କର ଏହି ସଫଳତା ପାଇଁ ଗର୍ବ ପ୍ରକାଶ କରିଥିଲେ । ସେ ଶ୍ରୀମାନ ପ୍ରତ୍ୟୁଷଙ୍କ ଅଭିଭାବକ, ବିଦ୍ୟାଳୟ ଓ ପ୍ରଶିକ୍ଷକ ମାନଙ୍କ ସହଯୋଗକୁ ମଧ୍ୟ ପ୍ରଶଂସା କରିଥିଲେ । ପ୍ରତ୍ୟୁଷଙ୍କ ଏହି ସଫଳତା ତାଙ୍କ ପରିବାର, ବିଦ୍ୟାଳୟ, ତାଇକୋଣ୍ଡୋ ଆସୋସିଏସନ୍ ଅଫ୍ ବ୍ରହ୍ମପୁର, ଗଞ୍ଜାମ ଏବଂ ସମଗ୍ର ବ୍ରହ୍ମପୁର ପାଇଁ ଗୌରବର ବିଷୟ । ତାଙ୍କର ଏହି ସଫଳତା ଅନ୍ୟ ଯୁବ କ୍ରୀଡ଼ାବିଦ୍ ଓ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଶୃଙ୍ଖଳା ଓ କଠିନ ପରିଶ୍ରମ ମାଧ୍ୟମରେ ଉଚ୍ଚସ୍ତରୀୟ ସଫଳତା ହାସଲ କରିବାକୁ ପ୍ରେରଣା ଯୋଗାଇବ ବୋଲି ପ୍ରତ୍ୟୁଷ କହିଛନ୍ତି, ।

## ଜେମ୍ସ ସ୍କୁଲରେ ୮୦ତମ ସ୍ୱାଧୀନତା ଦିବସ ପାଳନ

ବ୍ୟାସନଗର,୧୭।୮(ନି.ପ୍ର.): ବ୍ୟାସନଗର ସ୍ଥିତ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଗ୍ଲୋରିୟସ ଇଂଲିଶ ମିଡିୟମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲର ୮୦ ତମ ସ୍ୱାଧୀନତା ଦିବସ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍କୁଲର ସେକ୍ରେଟାରୀ ଡ଼କ୍ଟର ଅଭୟ ପତି ଓ ସମ୍ମାନୀୟ ଅତିଥି ଭାବେ ସଭାପତି ଆଡଭୋକେଟ୍ ଅସ୍ମିତା ପତି ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହାପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ଭାଗ ନେବା ସହ ମନଭରି ଏହାକୁ ଉପଭୋଗ କରିଥିଲେ ଓ ଏହି ଦିବସରେ ସ୍କୁଲର ଛାତ୍ର ଛାତ୍ରୀ ବିଭିନ୍ନ ନୃତ୍ୟ , ଭାଷଣ ଓ ସଂଗୀତ ଆଦିରେ




ଭାଗନେଇ କୃତିତ୍ୱ ଅର୍ଜନ କରିଥିଲେ ଓ କୁନି କୁନି ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଅଭିଭାବକ ତଥା ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟତ୍ରୀଙ୍କ ମନକୁ ଛୁଇଁ ଯାଇଥିଲା ଓ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ଓ ଶେଷରେ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ଓ ଏହି ଉତ୍ସବକୁ ଖୁବ୍ ସୁନ୍ଦର ଭାବରେ ତୁଲାଇଥିବାରୁ ସ୍କୁଲର ପରିଚାଳନା କମିଟି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ ।ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ ସରୋଜ କୁମାର ସାହୁ, ରଞ୍ଜନ ନାୟକ, ରଶ୍ମି ରେଖା ମଲ୍ଲିକ , ଶ୍ରୀକାନ୍ତ ପାତ୍ର , ଧର୍ମେନ୍ଦ୍ର ବେହେରା , ବିଶ୍ୱରଂଜନ ଜେନା , ଦେବେନ୍ଦ୍ର ସାହୁ , ଅରବିନ୍ଦ ଦାସ , ଜିତେନ୍ଦ୍ର ମହାନ୍ତି , ଆଶୁତୋଷ ମିଶ୍ର , ଜ୍ୟୋତି ମିଶ୍ର , ସୁବ୍ରତ ଦାସ , ସୁଜାତା ପତି , ଦୀପା ସାମଲ, ବିଶ୍ୱଜୀତ ସାହୁ , ଅଭିଲିପ୍ଶା ବେହେରା , ସୁଜିତ ରାଉତ , ସନ୍ଧ୍ୟା ପ୍ରତିହାରୀ , ମଧୁସ୍ମିତା ଲେଙ୍କା , ବିଦ୍ୟାଧର ଜେନା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବକୁ ସଫଳ କରିବାରେ ସହାୟତା କରିଥିଲେ ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖାର ସହକାରୀ ନିର୍ଦ୍ଦେଶକଙ୍କ ମାତୃ ବିୟୋଗ

ଭୁବନେଶ୍ୱର, ୧୭।୮: ସୂଚନା ଓ ଲୋକ ସମ୍ପର୍କ ବିଭାଗ ଫଟୋ ଶାଖାର ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ବରାଳଙ୍କ ମାତା ଶ୍ରୀମତୀ ସ୍ନେହଲତା ବରାଳଙ୍କ ଗତକାଲି ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା ।



ସ୍ୱର୍ଗୀୟା ବରାଳ ଜଣେ ମେଳାପୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ । ତାଙ୍କ ପୈତୃକ ଘର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ ।ତାଙ୍କ ବିୟୋଗରେ ବନ୍ଧୁ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ଗଭୀର ଶୋକ ପ୍ରକାଶ କରିବା ସହ ଦିବଙ୍ଗତ ଆତ୍ମାର ସଦଗତି କାମନା କରିଛନ୍ତି । ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

## କଳସ ବନ୍ଦନ ଶୋଭାଯାତ୍ରା ଓ ସାଧୁସନ୍ଥ ସମ୍ମିଳନୀ



ନବରଙ୍ଗପୁର : ସନ୍ଥ ଶିରୋମଣି ଶ୍ରୀ ରବିଦାସ ଜୀଙ୍କ ୬୫୦ତମ ଜୟନ୍ତୀ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା ଏ ଅବସରରେ ସ୍ଥାନୀୟ ଶ୍ରୀ ରାମ ମନ୍ଦିର ଠାରୁ ଗୁଣ୍ଡିଚା ମନ୍ଦିର ଯାଏଁ ସାଧୁସନ୍ଥ, ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନର ମୁଖ୍ୟ, ବିଭିନ୍ନ ଜାତି ଧର୍ମ, ସଂପ୍ରଦାୟର ର ମୁଖିଆ ମାନଙ୍କୁ ନେଇ ଗୀତ ବାଦ୍ୟ ସଂକୀର୍ତ୍ତନ ଜରିଆରେଭକ୍ତି, ସମାନତା ଓ ଭାଇଚାରାର ବାର୍ତ୍ତା ନେଇ ଏକ ଭବ୍ୟ କଳସ ବନ୍ଦନ ଭବ୍ୟ ଦିବ୍ୟ ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ପହଞ୍ଚି ଥିଲା ଗୁଣ୍ଡିଚା ମନ୍ଦିର ପରିସରରେ ସାଧୁସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା ।

ଏହି ପବିତ୍ର ଅବସରରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ମୁଣ୍ଡରେ କଳସ ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଭଜନ, କୀର୍ତ୍ତନ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ରବିଦାସ ଜୀଙ୍କ ମହାନ ଆଦର୍ଶ ଓ ବାଣୀକୁ ସ୍ମରଣ କରାଯାଇଥିଲା ।

ପରେ ଆୟୋଜିତ ସାଧୁସନ୍ଥ ସମ୍ମିଳନୀରେ ସାଧୁସନ୍ଥ, ଧାର୍ମିକ ବ୍ୟକ୍ତିବିଶେଷ, ସମାଜର ବିଭିନ୍ନ ବର୍ଗର ଲୋକ ଓ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ଶ୍ରୀ ଗୌରୀଶଙ୍କର ମାଝି, ବିଧାୟକ ଝରିଗାଁ ଶ୍ରୀ ନରସିଂହ ଭତ୍ରା,ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ନାୟକ, ଜିଲ୍ଲା ସଭାପତି ଶ୍ରୀ କୁଞ୍ଜବିହାରୀ ଦାଶ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଶ୍ରୀମତୀ ବାସନ୍ତି ମାଝି, ଉପାଧକ୍ଷ ଶ୍ରୀ ଲିଙ୍ଗରାଜ ଭତ୍ରା, ସୋମନାଥ ପୁଜାରୀ, ବ୍ରହ୍ମ ଅବଧୂତ ପ୍ରଭାସ ଚନ୍ଦ୍ର ବାବା,ବାସୁଦେବ ବାବା, ସୌଭାଗ୍ୟ ବାବା,କୌପିନ ନାରୀ କାର୍ତ୍ତିକ ବାବା, ଗାୟତ୍ରୀ ପିଠ ର ପିଠାଧିସ ମଧୁକର ଦାସ,କବି ତଥା ସାହିତ୍ୟିକ ନାରାୟଣ ପଣ୍ଡା,ମଦନ ପାତ୍ର, ଓ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରେ ଶ୍ରୀ ରବିଦାସ ଜୀଙ୍କ ମାନବ ସମାନତା, ଭାଇଚାରା, ପ୍ରେମ ଓ ନିଷ୍କାମ ସେବା ଓ ଆଦର୍ଶକୁ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିବା ବେଳେ ଦେବଦାସ ମହାଙ୍କୁଡ ମଞ୍ଚ ପରିଚାଳନା କରିଥିଲେ । ଜ୍ୟୋତି ରଞ୍ଜନ କଂସ,ସୁରେଶ ଆଚାର୍ଯ୍ୟ,ମାନସ ମଲ୍ଲିକ, ଶିଶିର କାନ୍ତ ମହନ୍ତ, ବିରେନ୍ଦ୍ର ପୁଜାରୀ, ସହଯୋଗ କରିଥିଲେ ।

ସନ୍ଥ ରବିଦାସ ଜୀଙ୍କ ଜୀବନ ଓ ବାଣୀ ଆଜି ମଧ୍ୟ ସମାଜକୁ ଏକତା, ସମାନତା ଓ ସଦ୍?ଭାବନାର ପଥ ଦେଖାଉଛି । ଏହି ଜୟନ୍ତୀ ଉତ୍ସବ ସମାଜରେ ଭାଇଚାରା ଓ ଏକତାର ଭାବନାକୁ ଆହୁରି ସୁଦୃଢ଼ କରିବାର ଏକ ସୁନ୍ଦର ପ୍ରୟାସ ହୋଇଥିଲା।।

## ରାଣୀଗୋଡାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବିଭିନ୍ନ ସଂଗଠନର ପତାକା ଉତ୍ତୋଳନ୮୦ ତମ ସ୍ୱାଧିନତା ଦିବସ ପାଳନ

ଅନୁଗୋଳ୧୭।୮(ନି.ପ୍ର.):- ସହର ଉପକଣ୍ଠ ରାଣୀଗୋଡାର ଅବସର ପ୍ରାପ୍ତ କର୍ମଚାରୀ ସଂଘ ଦ୍ୱାରା ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ମଞ୍ଚର ବରିଷ୍ଠ ସଦସ୍ଯ ତଥା ଯୁଗ୍ମ ସମ୍ପାଦକ ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅରୁଣ କୁମାର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମଞ୍ଚର ସଦସ୍ଯ ମାନେ ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲେ । ଏହି ପବିତ୍ର ଦିବସରେ ବରିଷ୍ଠ ସଦସ୍ଯ ଦାମୋଦର ଦାସ, ରମେଶ ଚନ୍ଦ୍ର ସାହୁ, ଧୃବଚରଣ ସାହୁ, ଭଗବାନ ମହାପାତ୍ର, ତ୍ରେତାନନ୍ଦ ସାମନ୍ତ, କିଶୋର ଚନ୍ଦ୍ର ଦେହୁରୀ, ଶଙ୍କର ବେହେରା, ଦୁର୍ଗାଚରଣ ସାହୁ, ହୃଷିକେଶ ସାହୁ, ପ୍ରମୋଦ ଚନ୍ଦ୍ର ଦାସ, କିଶୋର ଚନ୍ଦ୍ର ସାହୁ, ଉସ୍ଛବ ବେହେରା, ବାବାଜୀ ଶାସମଲ, ଗୋବିନ୍ଦ ଚନ୍ଦ୍ର ସାମନ୍ତ, ସତ୍ଯବାଦୀ ଦାସ, ଗୋକୁଳ ଚନ୍ଦ୍ର ସାମନ୍ତ, ପ୍ରସନ୍ନ କୁମାର ଦାସ, ଧନେଶ୍ୱର ମହାପାତ୍ର, ମୁରଲୀଧର ପରିଡା ଏବଂ ଅଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ପବିତ୍ର



ଦିବସରେ ଅତିଥି ମାନଙ୍କ ସ୍ୱାଧୀନତାର ବାର୍ତ୍ତା ଶୁଣିଥିଲେ । ସେହିପରି ଭାବରେ ରାଣୀଗୋଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସରପଞ୍ଚ ଶ୍ରୀ ପ୍ରକାଶ ଚନ୍ଦ୍ର ଦେହୁରୀ ମୁଖ୍ଯ ଅତିଥି ଭାବରେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ପ୍ରଧାନ ଶିକ୍ଷକ ଶ୍ରୀ ନିରୋଦ କୁମାର ସେନାପତି, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପଞ୍ଚସଖା ଶିକ୍ଷାସେତୁର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ ସାମନ୍ତ, ବରିଷ୍ଠ ନାଗରିକ ମଞ୍ଚର ସଂଗଠନ ସମ୍ପାଦକ ତ୍ରେତାନନ୍ଦ ସାମନ୍ତ, ଶିକ୍ଷାବିତ କିଶୋର ଚନ୍ଦ୍ର ଦେହୁରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ ଦାସ ଓ ପୂର୍ବତନ ସଭାପତି ଅନିଲ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତାର ବାର୍ତ୍ତା ଦେଇଥିଲେ । ଆହୁରି ମଧ୍ଯ ପଞ୍ଚାୟତ କାର୍ଯ୍ଯାଳୟ ଠାରେ ଓ ଗ୍ରାମର ବିଜେଡ଼ି କାର୍ଯ୍ଯାଳୟରେ ଏବଂ ଅଟୋ ଚାଳକ ଓ ମାଲିକ ସଂଘ ଦ୍ୱାରା ଷ୍ଟେସନ ଛକ ଠାରେ ପ୍ରଧାନ ଶିକ୍ଷକ ନିରୋଦ ସେନାପତିଙ୍କ ଦ୍ୱାରା ମଧ୍ଯ ପତାକା ଉତ୍ତୋଳନ କରା ଯାଇଥିଲା ।

## ଇଫକୋ ପାରାଦୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ଙ୍କ ପତ୍ନୀ ବିୟୋଗ

ପାରାଦୀପ ୧୭।୮(ନି.ପ୍ର.): ଇଫକୋ ପାରାଦ୍ୱୀପ ୟୁନିଟର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଙ୍କ ଧର୍ମ ପତ୍ନୀ ରୀନା ବେଉରା ଙ୍କ ୪୮ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ବାଙ୍ଗାଲୋର ସ୍ଥିତ ଆପୋଲୋ ହସ୍ପିଟାଲରେ ସୋମବାର ଦିନ ଦେହାନ୍ତ ହୋଇଯାଇଛି । ସେ ଜଣେ ପରୋପକାରୀ, ଧର୍ମ ପରାୟଣ ମହିଳା ଥିଲେ ।



ଓଡିଆ ପରମ୍ପରାରେ ଥିବା ପର୍ବପର୍ବାଣି କୁ ପାଳନ କରିବାସହ ଅଚ୍ୟୁତ ମହାପୁରୁଷ ଙ୍କ ପରମ ଭକ୍ତ ଥିଲେ । ଏପରିକି ଅତିଥି ସତ୍କାର କରିବାରେ ତିଳେ ମାତ୍ର ଅବହେଳା କରୁନ ଥିଲାବେଳେ ଦରିଦ୍ର ନାରାୟଣ ସେବା କରିବାରେ ନିଜକୁ ସମର୍ପିତ କରିଦେଇଥିଲେ । କେହି ଦୁଖୀ ଦରିଦ୍ର ତାଙ୍କ ଦୁଆର ମୁହଁରୁ ଫେରି ଆସନ୍ତି ନାହିଁ ବୋଲି ହେଉଥିବା ଲୋକଆଲୋଚନା କୁ ଏଡାଇ ଦିଆଯାଇ ନପାରେ । ତାଙ୍କର କୁସୁନପୁର ସ୍ଥିତ ଗ୍ରାମରେ କାଲି ଅନ୍ତିମ ସଂସ୍କାର କରିଯିବ ।

## ଇଷ୍ଟଜୋନ ବ୍ୟାଡମି ଚମ୍ପିୟାନସିପ୍ ପାଇଁ ଓଡିଶା ଦଳ ଘୋଷଣା

ଭୁବନେଶ୍ୱର,୧୭।୮(ନି.ପ୍ର.): ସେପ୍ଟେମ୍ବର ମାସ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟଜୋନ ବ୍ୟାଡମି ନ ଚମ୍ପିୟାନସିପ୍ ପାଇଁ ଓଡିଶା ଦଳ ଘୋଷଣା ଯାଇଅଛି । ଏହି ଚୟନ ପ୍ରକ୍ରିୟା ଓଡିଶା ଷ୍ଟେଟ ବ୍ୟାଡମି ନ ଏସୋସିଏସନ ଦ୍ୱାରା ପଞ୍ଜିକୃତ ଖେଳାଳିମାନେ ହାସଲ କରିଥିବା ରେଙ୍କିଙ୍ଗ ପଏ ସହ ଏକ ସିଲେକ୍ସନ ଟ୍ରାଏଲ କୁ ନେଇ ଖେଳାଳି ଚୟନ କରାଯାଇଥାଏ । ଇଷ୍ଟ ଜୋନ ର ୬ ଟି ରାଜ୍ୟ ଓଡିଶା, ଝାରଖଣ୍ଡ, ବିହାର, ପଶ୍ଚିମବଂଗ, ଉ ର ପ୍ରଦେଶ ଓ ଉ ରାଖଣ୍ଡ ଖେଳାଳିମାନଙ୍କୁ ନେଇ ଏହି ପ୍ରତିଯୋଗିତା ଉଭୟ ଟିମ୍ ଇଭେ ଓ ଇଣ୍ଡିଭିଜୁଏଲ ଚମ୍ପିୟାନସିପ୍ ଅନୁଷ୍ଠିତ ହେବ । ଓଡିଶାର ଜୁନିୟର ଦଳରେ ସୋମ୍ୟଜିତ ସାହୁ, ଦିବ୍ୟମ୍ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିସା ଓଝା, ସ୍ୱାତି ନାୟକ, ଅସ୍ୱିକା ମିଶ୍ର ଚୟନ ହୋଇଥିବା ବେଳେ ସିନିୟର ଦଳରେ ତହସିବ୍ ଖାନ, ଦିବ୍ୟମ କେଜ୍ରିୱାଲ, ଜୈସ ଅଗ୍ରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର




ସାହୁ, ଶୁଭ୍ରକେତନ ମଲ୍ଲିକ, କଲଗା ଜଗଦିଶ, ତୁମି ବାକ୍ଚି, ହର୍ଷିତା ରାଉତ, ଆଶ୍ରିୟ ଜି. ବିରୋପ, ନିମିଶା ଓଝା, ସ୍ୱାତି ନାଏକ, ଅଶ୍ୱିକା ମିଶ୍ର, ସ୍ୱିଟିପ୍ରିୟା ପ୍ରଧାନ ପ୍ରମୁଖ ଖେଳାଳି ସ୍ଥାନ ପାଇଛନ୍ତି । ଦିବ୍ୟମ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିଶା ଓଝା, ଅସ୍ୱିକା ମିଶ୍ର ଓ ସ୍ୱାତି ନାୟକ ଉଭୟ ଜୁନିୟର ଓ ସିନିୟର ଦଳରେ ଖେଳିବା ପାଇଁ ଚୟନ ହୋଇଛନ୍ତି । ଏହି ଚମ୍ପିୟାନସିପ୍ ରେ ଦଳ ବାଳକ ସିଙ୍ଗିଲ୍ସ, ବାଳିକା ସିଙ୍ଗିଲ୍ସ, ବାଳକ ଡବଲ୍ସ, ବାଳିକା ଡବଲ୍ସ, ମିକ୍ସ ଡବଲ୍ସ ବିଭାଗର ଉଭୟ ସିନିୟର ଏବଂ ଜୁନିୟର କେଟାଗୋରି ରେ ପ୍ରତିଯୋଗିତା କରିବ । ଓସ୍ବା ସଂପାଦକ ତଥା ଚୟନ କମିଟି ଆବାହକ ନିଳିନ କୁମାର, ଚୟନ କମିଟି ଅଧକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଚୁଡାନ୍ତ ଦଳ ଘୋଷଣା କରିଥିଲେ । ଏହି ଚୟନ କମିଟିରେ ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ ବ୍ୟାଡମି ନ ଖେଳାଳି ତଥା କୋଚ କମଲ ଦାସ, ବିଜୟ କୁମାର ବାଗ, ଜୟପ୍ରକାଶ ସିଂ, ମନୋରଂଜନ ପଣ୍ଡା, ବିବେକ କର, ଶୁଭ୍ରତା କାନୁନଗୋ, ସୋମେନ ଶେଖର ଦାଶ ପ୍ରମୁଖ ସଦସ୍ୟ ଅଛନ୍ତି । ଇଷ୍ଟଜୋନ ଚମ୍ପିୟାନସିପ୍ ରେ ଉ ମ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ଠାରେ ଓଡିଶା ଦଳ ୧୭ ରୁ ୩୦ ପର୍ଯ୍ୟନ୍ତ ଏକ କୋଚିଂ କାର୍ଯ୍ୟକ୍ରମ ଚଳିବ । ଏହି କ୍ୟାମ୍ପ କୁ ଖେଳାଳିମାନଙ୍କୁ ଜାତୀୟ ସ୍ତରର ଜଣାଶୁଣା କୋଚମାନେ ତାଲିମ ପ୍ରଦାନ କରିବେ । ବିଗତ ବର୍ଷମାନଙ୍କର ଇଷ୍ଟଜୋନ ଚମ୍ପିୟାନସିପ୍ ରେ ଓଡିଶା ଦଳ ଉ ମ ପ୍ରଦର୍ଶନ କରିଥିବାରୁ ଏ ବର୍ଷ ମଧ୍ୟ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଚୟନ କମିଟି ଆବାହକ ନିଳିନ କୁମାର ଜଣାଇଛନ୍ତି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ